

Odia Daily

www.theutkalsamachar.com

# ଉତ୍କଳ ସମାଚାର

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR



✦Vol - 22✦ Issue No:114✦17 August 2026 (Monday)✦Rourkela ✦ Rs.2.00 ✦ Page -1 ✦୨୨ ବର୍ଷ ✦ସଂଖ୍ୟା:୧୧୪✦୧୭ ଅଗଷ୍ଟ ୨୦୨୬ (ସୋମବାର)✦ ରାଉରକେଲା ✦ମୂଲ୍ୟ:ଟ.୨.୦୦✦ ପୃଷ୍ଠା-୬


# ଯୁଦ୍ଧ ଆରମ୍ଭ କଲେ ଟ୍ରମ୍ପ, ଦୋଷ ନ କରି ଆମେ ଭୋଗୁଛୁ ପରିଣାମ:

## ଆମେରିକା ଉପରେ କ୍ଷୁବ୍ଧ ଉପସାଗରୀୟ ଦେଶ ଖୋଜୁଛନ୍ତି ବିକଳ୍ପ



ୱାସିଂଟନ,୧୬/୮ :ଆମେରିକା ଏବଂ ଇରାନ ମଧ୍ୟରେ ଯୁଦ୍ଧ ପ୍ରାୟ ଛଅ ମାସ ଧରି ଚାଲିଛି । ଇରାନ ବିରୋଧରେ ଯୁଦ୍ଧ ଆରମ୍ଭ କରିବା ପରଠାରୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସମାଲୋଚନାର ସମ୍ମୁଖୀନ ହେଉଛନ୍ତି । ଏହି ସମୟରେ, ଏହି ଯୁଦ୍ଧ ସହିତ ଜଡିତ ଖବର ସାମ୍ନାକୁ ଆସିଛି ଯାହା ଟ୍ରମ୍ପଙ୍କ ସମସ୍ୟାକୁ ଆହୁରି ବଢ଼ାଇପାରେ । କୁହାଯାଉଛି ଯେ, ଯୁଦ୍ଧକୁ ନେଇ ଉପସାଗରୀୟ ଦେଶଗୁଡ଼ିକ ଆମେରିକା ଏବଂ ଡୋନାଲ୍ଡ ଟ୍ରମ୍ପଙ୍କ ଉପରେ କ୍ଷୁବ୍ଧ ଅଛନ୍ତି । ଉପସାଗରୀୟ ଦେଶଗୁଡ଼ିକ ସେମାନଙ୍କର ସୁରକ୍ଷା ପାଇଁ ଆମେରିକା ଉପରେ ନିର୍ଭର କରନ୍ତି, ଯେଉଁଥିରେ ଆମେରିକୀୟ ସହଭାଗୀତା ଏବଂ ଅସ୍ତ୍ରଶସ୍ତ୍ର ଯୋଗାଣ ଅନ୍ତର୍ଭୁକ୍ତ । ବର୍ତ୍ତମାନ ଇରାନ ଯୁଦ୍ଧରେ ଜଡିତ, ଆମେରିକା ଏହି ଦେଶଗୁଡ଼ିକୁ ପର୍ଯ୍ୟାପ୍ତ ପରିମାଣରେ ଅସ୍ତ୍ରଶସ୍ତ୍ର ଯୋଗାଇ ପାରୁନାହିଁ ଏବଂ ସେମାନଙ୍କୁ ଇରାନ ଆକ୍ରମଣରୁ ରକ୍ଷା କରିପାରୁନାହିଁ । ଫଳସ୍ୱରୂପ, ଉପସାଗରୀୟ ଦେଶଗୁଡ଼ିକ ଆମେରିକା ଉପରେ ଅସନ୍ତୁଷ୍ଟ ହୋଇଛନ୍ତି । ଉପସାଗରୀୟ ଦେଶର କିଛି ଅଧିକାରୀଙ୍କ ଅନୁସାରେ, ଟ୍ରମ୍ପ ଯୁଦ୍ଧ ଆରମ୍ଭ କରିଥିଲେ, କିନ୍ତୁ ଆମେ ଏହାର ମୂଲ୍ୟ ଦେଉଛୁ । ଆମେ ଦୋଷ ନକରି ମଧ୍ୟ ଏହାର ପରିଣାମ ଭୋଗୁଛୁ । ଗତ ସପ୍ତାହରେ ସାଉଦି ଆରବ, ତୁର୍କୀ ଏବଂ ପାକିସ୍ତାନ ମଧ୍ୟରେ ହୋଇଥିବା ପ୍ରତିରକ୍ଷା ଚୁକ୍ତିନାମା ଆମେରିକା ପାଇଁ ଇସଲାମିକ୍ ନାଟୋର ଏକ ସଙ୍କେତ ଥିଲା । ଏହି ଚୁକ୍ତିନାମା ଦର୍ଶାଉଛି ଯେ ଶକ୍ତିଶାଳୀ ଉପସାଗରୀୟ ଦେଶଗୁଡ଼ିକ ଏବେ ସେମାନଙ୍କର ପ୍ରତିରକ୍ଷା ପାଇଁ ଆମେରିକାର ବିକଳ୍ପ ଖୋଜୁଛନ୍ତି । ଉଦାହରଣ ସ୍ୱରୂପ, ସାଉଦି ଆରବ ନିଜର ପ୍ରତିରକ୍ଷା ପାଇଁ ତୁର୍କୀ ଏବଂ ପାକିସ୍ତାନ ଭଳି ଶକ୍ତିଶାଳୀ ମୁସଲିମ୍ ଦେଶ ସହିତ ଚୁକ୍ତିନାମା ସ୍ୱାକ୍ଷର କରିଛି । ସେମାନଙ୍କ ମତରେ, ଆମେରିକା ଆଉ ସେମାନଙ୍କୁ ସୁରକ୍ଷା ଦେବା ପାଇଁ ଯଥେଷ୍ଟ ନୁହେଁ । ତେବେ ଏନେଇ ଟ୍ରମ୍ପଙ୍କ ପ୍ରଶାସନର ମତ ଭିନ୍ନ ରହିଛି । ହ୍ୱାଇଟ୍ ହାଉସ୍ ଅଧିକାରୀଙ୍କ ଅନୁସାରେ, ରାଷ୍ଟ୍ରପତି ଟ୍ରମ୍ପଙ୍କର ସମସ୍ତ ଗଲ୍ଫ ଦେଶର ନେତାଙ୍କ ସହ ଭଲ ସମ୍ପର୍କ ରହିଛି । ଇରାନ ବିରୋଧରେ ଅପରେସନ୍ ଏପିକ୍ ଫ୍ୟୁରି ଆରମ୍ଭ କରିବା ପୂର୍ବରୁ ଆମେରିକା ନିଜର ଗଲ୍ଫ ମିତ୍ରମାନଙ୍କୁ ସୂଚିତ କରିଥିଲା ଏବଂ ଅପରେସନ୍ ଆରମ୍ଭ ହେବା ପୂର୍ବରୁ ହ୍ୱାଇଟ୍ ହାଉସ୍ ସେମାନଙ୍କ ସହିତ ଯୋଗାଯୋଗରେ ଥିଲା ।


## ଆବଶ୍ୟକ

ଉତ୍କଳ ସମାଚାର

The Utkal Samachar

www.theutkalsamachar.com

ଦୈନିକ 'ଉତ୍କଳ ସମାଚାର'ର ସମସ୍ତ ଜିଲ୍ଲା ପାଇଁ:
ଜିଲ୍ଲାସ୍ତରୀୟ ସାମ୍ବାଦିକ ଆବଶ୍ୟକ । ଇଚ୍ଛୁକ ପ୍ରାର୍ଥୀ ନିମ୍ନ ଠିକଣାରେ ଯୋଗାଯୋଗ କରିପାରିବେ ।

Address:Qrs No-B/204,
Sec-16,Rourkela,
Mob:9692048008
Email: utkalsamachar@gmail.com


# 'ବିରୋଧି ଦଳ ନେତାଙ୍କ କାମ ଲୋକଙ୍କୁ ହସାଇବା ନୁହେଁ':

## ରାହୁଲଙ୍କୁ ଅବଧ ଓଝାଙ୍କ କଡ଼ା ଟିପ୍ପଣୀ, କଂଗ୍ରେସକୁ ଦେଖାଇଲେ ଆଇନା

ନୂଆଦିଲ୍ଲୀ,୧୬।୮ :ଇଟାଲୀ ପ୍ରଧାନମନ୍ତ୍ରୀ ଜର୍ଜିଆ ମେଲୋନିଙ୍କୁ ନେଇ କଂଗ୍ରେସ ନେତାଙ୍କ ଟିପ୍ପଣୀ ଉପରେ ପ୍ରତିକ୍ରିୟା ଦେଇଛନ୍ତି ଶିକ୍ଷାବିତ୍ ଅବଧ ଓଝା । ଏହି ପ୍ରସଙ୍ଗରେ ସେ ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ଉପରେ ମଧ୍ୟ ଟିପ୍ପଣୀ କରିଛନ୍ତି । ଅବଧ ଓଝା କହିଛନ୍ତି,ବିରୋଧୀ ଦଳ ନେତାଙ୍କ କାମ କେବଳ ଲୋକଙ୍କୁ ହସାଇବା ନୁହେଁ, ବରଂ ଦେଶକୁ ଏକ ଦିଗ ଦେବା ମଧ୍ୟ ତାଙ୍କ ଦାୟିତ୍ୱ । ତାଙ୍କ ମତରେ, ଆଜିର ଏରଭ-ତ ପିଢ଼ି ବେଶ୍ ସଚେତନ ଓ ବୁଝିବାରେ ସକ୍ଷମ । ସେମାନେ ଏଭଳି କଥାରେ ହସିପାରନ୍ତି, କିନ୍ତୁ ଏହାକୁ ଗମ୍ଭୀର ଭାବେ ନେବେ ନାହିଁ । ସେ ଆହୁରି କହିଛନ୍ତି, ଯଦି ରାଜନୀତି କେବଳ ହସାଇବା ପର୍ଯ୍ୟନ୍ତ ସୀମିତ ରହିଯାଏ, ତେବେ ଏହାକପିଲ ଶର୍ମାଙ୍କ ଶୋ'ଭଳି ହୋଇଯିବ । ତାଙ୍କ ଅନୁସାରେ, ବିରୋଧୀ ଦଳ ନେତାଙ୍କୁ ଲୋକଙ୍କୁ ହସାଇବା ସହ ଦେଶ ସମ୍ପର୍କରେ ଏକ ସ୍ପଷ୍ଟ ଦିଗ ମଧ୍ୟ ଦେଖାଇବା ଆବଶ୍ୟକ । ଲାଲକିଲ୍ଲାରେ ଆୟୋଜିତ ସ୍ୱାଧୀନତା ଦିବସ ସମାରୋହରେ କଂଗ୍ରେସ ନେତାଙ୍କ ଅନୁପସ୍ଥିତିକୁ ନେଇ ମଧ୍ୟ ଅବଧ ଓଝା ମତ ରଖିଛନ୍ତି । ସେ କହିଛନ୍ତି, 'ମୁଁ ରାହୁଲ ଗାନ୍ଧୀଙ୍କୁ ଜଣେ ବୁଝାମଣା ଥିବା ବ୍ୟକ୍ତି ଏବଂ ବିରୋଧୀ ଦଳର ନେତା ବୋଲି ଭାବୁଥିଲି । ତାଙ୍କ ମତରେ, ରାଜନୈତିକ ଓ ବିଚାରଧାରାଗତ ମତଭେଦ ଥାଇପାରେ, କିନ୍ତୁସ୍ୱାଧୀନତା ଦିବସ ଭଳି ଜାତୀୟ ଅବସର ଏସବୁଠାରୁ ଉପରେ ।ସ୍ୱାଧୀନତା ଦିବସ କୌଣସି ଗୋଟିଏ ଦଳର କାର୍ଯ୍ୟକ୍ରମ ନୁହେଁ । ଏହା ସମଗ୍ର ଦେଶର ଜାତୀୟ ପର୍ବ । ତେଣୁ ମଲ୍ଲିକାର୍ଜୁନ ଖଡ଼ଗେ ଓ ରାହୁଲ ଗାନ୍ଧୀଙ୍କୁ ଲାଲକିଲ୍ଲା ସମାରୋହରେ ଉପସ୍ଥିତ ରହିବା ଉଚିତ ଥିଲା । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିଭିନ୍ନ ଦେଶର ରାଷ୍ଟ୍ରମୁଖ୍ୟଙ୍କୁ ଆଲିଙ୍ଗନ କରୁଥିବା ପ୍ରସଙ୍ଗରେ ମଧ୍ୟ ଅବଧ ଓଝାଙ୍କୁ ପଚରାଯାଇଥିଲା । ଏହା ଭୁଲ୍ କି ବୋଲି ପ୍ରଶ୍ନରେ ସେ କହିଛନ୍ତି ଯେ, ଏଥିରେକୌଣସି ଭୁଲ୍ ନାହିଁ ।ତାଙ୍କ



କହିବା ଅନୁସାରେ, ବିଭିନ୍ନ ଦେଶର ନେତାମାନେ ପରସ୍ପରକୁ ଆଲିଙ୍ଗନ କରନ୍ତି । ତେଣୁ ଏଥିରେ କିଛି ଖରାପ ନାହିଁ । ତେବେ କାହାର ହାତ ଜୋରଜବରଦସ୍ତି ଧରିବା ଉଚିତ ନୁହେଁ ବୋଲି ସେ ମତ ଦେଇଛନ୍ତି ।

# ୩୦୦ ୟୁନିଟ୍ ମାଗଣା ବିଜୁଳି ! ଚଗ ସୂର୍ଯ୍ୟ ଘର ଯୋଜନାରେ ମିଳୁଛି ବଡ଼ ସବସିଡ଼ି

ନୂଆଦିଲ୍ଲୀ,୧୬/୮ : ବିଜୁଳି ବିଲ୍‌ରୁ ମିଳିପାରେ ବଡ଼ ଆଶ୍ୱସ୍ତି । ଘର ଛାତରେ ସୋଲାର ପ୍ୟାନେଲ୍ ? ଲଗାଇ ନିଜେ ବିଜୁଳି ଉତ୍ପାଦନ କରିବା ସହ ମାସକୁ ୩୦୦ ୟୁନିଟ୍ ପର୍ଯ୍ୟନ୍ତ ମାଗଣା ବିଜୁଳି ପାଇବାର ସୁଯୋଗ ଦେଉଛି କେନ୍ଦ୍ର ସରକାରଙ୍କ ପିଏମ୍ ସୂର୍ଯ୍ୟ ଘର: ମୁଫ୍‌ତ ବିଜୁଳି ଯୋଜନା । ଏହି ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଘରର ଛାତ ଉପରେ ରୁଫ୍ ?ଟପ୍ ସୋଲାର ସିଷ୍ଟମ୍ ଲଗାଇ ଲୋକଙ୍କ ବିଜୁଳି ଖର୍ଚ୍ଚ କମାଇବା । ସୋଲାର ପ୍ୟାନେଲ୍ ଜରିଆରେ ଘର ପାଇଁ ଆବଶ୍ୟକ ବିଜୁଳି ଉତ୍ପାଦନ କରାଯାଇପାରିବ । ସବୁଠାରୁ ବଡ଼ ଆକର୍ଷଣ ହେଉଛି ସରକାରୀ ସବସିଡି । ଯୋଗ୍ୟ ଉପଭୋକ୍ତାଙ୍କୁ ରୁଫ୍‌ଟପ୍ ସୋଲାର ପ୍ୟାନେଲ୍ ଲଗାଇବା ପାଇଁ କେନ୍ଦ୍ର



ସରକାରଙ୍କ ପକ୍ଷରୁ ସବସିଡି ଦିଆଯାଉଛି । ୨ କିଲୋୱାଟ୍ ପର୍ଯ୍ୟନ୍ତ ସିଷ୍ଟମ୍ ପାଇଁ ପ୍ରତି କିଲୋୱାଟ୍ ୩୦ ହଜାର ଏବଂ ପରବର୍ତ୍ତୀ ୧ କିଲୋୱାଟ୍ ପାଇଁ ୧୮ ହଜାର, ଅର୍ଥାତ୍ ୩ କିଲୋୱାଟ୍ କିମ୍ବା ତା'ଠାରୁ ଅଧିକ ସିଷ୍ଟମ୍‌ରେ ସର୍ବାଧିକ ୭୮ ହଜାର ପର୍ଯ୍ୟନ୍ତ କେନ୍ଦ୍ରୀୟ ସବସିଡି ମିଳିପାରେ । ତେବେ ୫ କିଲୋୱାଟ୍ ସୋଲାର ପ୍ୟାନେଲ୍ ଲଗାଇଲେ ସବସିଡି ମଧ୍ୟ ୫ କିଲୋୱାଟ୍ ଅନୁପାତରେ ବଢ଼ିବ ବୋଲି ଭାବିବା ଠିକ୍ ନୁହେଁ । କେନ୍ଦ୍ରୀୟ ସବସିଡିର ସର୍ବାଧିକ ସୀମା ୭୮ ହଜାର ରହିଛି । ତେବେ ରାଜ୍ୟ ସରକାରଙ୍କ ଅତିରିକ୍ତ ସହାୟତା ଥିଲେ ମୋଟ ଲାଭ ଅଧିକ ହୋଇପାରେ । ଏହି ଯୋଜନାରେ ସୋଲାର ପ୍ୟାନେଲ୍ ଲଗାଇବା ପରେ ଉତ୍ପାଦିତ ଅତିରିକ୍ତ ବିଜୁଳିକୁ ଗ୍ରିଡ୍‌କୁ ଦିଆଯାଇପାରେ । ଏହାଦ୍ୱାରା ଉପଭୋକ୍ତାଙ୍କ ବିଜୁଳି ବିଲ୍ ଆହୁରି କମିବାର ସୁଯୋଗ ରହିଛି । ତେବେ ଏହି ଯୋଜନାର ଲାଭ ନେବା ପାଇଁ ଯୋଗ୍ୟ ଉପଭୋକ୍ତାମାନେ ଅନଲାଇନ୍‌ରେ ଆବେଦନ କରିପାରିବେ । ଆବେଦନ ପରେ ନିର୍ଦ୍ଦିଷ୍ଟ ପ୍ରକ୍ରିୟାରେ ଭେରିଫିକେସନ୍, ସୋଲାର ସିଷ୍ଟମ୍ ସ୍ଥାପନ ଏବଂ ମିଟରିଂ ପ୍ରକ୍ରିୟା ଶେଷ ହେବା ପରେ ସବସିଡି ମିଳିଥାଏ । ଅର୍ଥାତ୍, ଘର ଛାତକୁ କେବଳ ଛାତ ଭାବେ ନୁହେଁ, ବିଜୁଳି ଉତ୍ପାଦନର ଏକ ମାଧ୍ୟମ କରି ନିଜ ବିଜୁଳି ଖର୍ଚ୍ଚ କମାଇବାର ସୁଯୋଗ ଦେଉଛି ପିଏମ୍ ସୂର୍ଯ୍ୟ ଘର ଯୋଜନା ।

## ବନ୍ୟା ମୁକାବିଲା: ୩ ଜିଲ୍ଲା ଦାୟିତ୍ୱରେ ୩ ବରିଷ୍ଠ ଆଇଏଏସ୍

ଭୁବନେଶ୍ୱର,୧୬/୮(ନି/ପ୍ର): ରାଜ୍ୟରେ ଲଗାଣ ବର୍ଷା ଓ ବନ୍ୟା ସ୍ଥିତିକୁ ନଜରରେ ରଖି ଭଦ୍ରକ, ବାଲେଶ୍ୱର ଓ ଯାଜପୁର ଜିଲ୍ଲା ପାଇଁ ୩ ଜଣ ବରିଷ୍ଠ ଆଇଏଏସ୍ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି । ଏହିଅଧିକାରୀମାନେ ସମ୍ପୃକ୍ତ ଜିଲ୍ଲାକୁ ତୁରନ୍ତ ଗସ୍ତ କରି ବନ୍ୟା ପରିସ୍ଥିତିର ଗ୍ରାଉଣ୍ଡ ମନିଟରିଂ କରିବେ । ନିର୍ଦ୍ଦେଶ ଅନୁଯାୟୀ, ଭଦ୍ରକ ଜିଲ୍ଲାର ଦାୟିତ୍ୱ ଆଇଏଏସ୍ ସୁଧାଂଶୁ ମୋହନ ସାମଲଙ୍କୁ ଦିଆଯାଇଥିବା ବେଳେ ବାଲେଶ୍ୱର ପାଇଁ ଆଇଏଏସ୍ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଏବଂ ଯାଜପୁର ପାଇଁ ଆଇଏଏସ୍ ପି. ଅନ୍ୱେଷା ରେଡ୍ଡୀଙ୍କୁ ଦାୟିତ୍ୱ ଦିଆଯାଇଛି । ଏହି ଅଧିକାରୀମାନେ ସ୍ଥାନୀୟ ଜିଲ୍ଲାପାଳଙ୍କୁ ସହଯୋଗ କରିବା ସହ ଜଳ ସମ୍ପଦ ବିଭାଗର ଯନ୍ତ୍ରୀମାନଙ୍କୁ ମଧ୍ୟ ପ୍ରଭାବିତ ଅଂଚଳରେ ତଦାରଖ ଦାୟିତ୍ୱ ଦିଆଯାଇଛି

## ଲଘୁଚାପ ପ୍ରଭାବରେ ପ୍ରବଳ ବର୍ଷା, ସହରାଂଚଳ କର୍ତ୍ତୃପକ୍ଷଙ୍କୁ ହାଇ ଆଲର୍ଟ



ଭୁବନେଶ୍ୱର,୧୬/୮(ନି/ପ୍ର): ଲଘୁଚାପ ପ୍ରଭାବରେ ଜାରି ରହିଛି ପ୍ରବଳ ବର୍ଷା । ସତର୍କ ରହିବା ଏବଂ ଦ୍ୱରିତ ପଦକ୍ଷେପ ପାଇଁ ସହରାଂଚଳ କର୍ତ୍ତୃପକ୍ଷଙ୍କୁ ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶ । ଉତ୍ତର-ପଶ୍ଚିମ ଓ ସଂଲଗ୍ନ ପଶ୍ଚିମବଙ୍ଗ-ଉତର ଓଡ଼ିଶା ଉପକୂଳ ଅଂଚଳରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଥିବାବେଳେ ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ଶ୍ରୀମତୀ ଉଷା ପାଢ଼ୀ ସମସ୍ତ ସହରାଂଚଳ କର୍ତ୍ତୃପକ୍ଷଙ୍କୁ ଉଚ୍ଚସ୍ତରୀୟ ସତର୍କତା ଅବଲମ୍ବନ କରିବା ସହ ଯେକୌଣସି ପରିସ୍ଥିତିରେ ଦ୍ୱରିତ, ସମନ୍ୱିତ ଓ ଜନକୈନ୍ଦ୍ରିକ ପଦକ୍ଷେପ ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ସମସ୍ତ କର୍ମଚାରୀ, ଯନ୍ତ୍ରପାତି ଓ ଆବଶ୍ୟକ ସାଜସଜ୍ଜାକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ ଓ ସଜାଗ ରଖିବା ସହ ରାପିଡ୍ ରେସ୍ପନ୍ସ ଟିମ୍‌ଗୁଡ଼ିକୁ ସକ୍ରିୟ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି । କ୍ଷେତ୍ରସ୍ତରରୁ ମିଳୁଥିବା ଯେକୌଣସି ସମସ୍ୟାକୁ ତୁରନ୍ତ ଓ ପ୍ରାଥମିକତା ଭିତିରେ ସମାଧାନ କରିବା ଏବଂ ନାଗରିକମାନଙ୍କ ଅସୁବିଧାକୁ ସର୍ବନିମ୍ନ ସ୍ତରରେ ରଖିବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି । ଜନସାଧାରଣଙ୍କ ମଧ୍ୟରେ ଆସ୍ଥା ଓ ନିର୍ଭରଶୀଳତା ବୃଦ୍ଧି ପାଇଁ ପ୍ରସ୍ତୁତି ଓ କ୍ଷେତ୍ରସ୍ତରରେ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ନିୟମିତ ପ୍ରେସ୍ ବ୍ରିଫ୍ ଓ ସୋସିଆଲ୍ ମିଡିଆ ମାଧ୍ୟମରେ ସକ୍ରିୟ ଭାବେ ସୂଚନା ପ୍ରଦାନ କରିବାକୁ ମଧ୍ୟ ସେ ନିର୍ଦ୍ଦେଶ ଦେଇଛନ୍ତି । ଏ ସମ୍ପର୍କରେ ଗୃହ ଓ ନଗର ଉନ୍ନୟନ ବିଭାଗକୁ ନିୟମିତ ଭାବେ ଅବଗତ କରାଇବାକୁ କୁହାଯାଇଛି । ଆବଶ୍ୟକ ସ୍ଥଳେ ବିଭାଗ ଓ ଜିଲ୍ଲା ପ୍ରଶାସନର ସହଯୋଗ ନେଇ ଘନିଷ୍ଠ ଆନ୍ତଃବିଭାଗୀୟ ସମନ୍ୱୟ ମାଧ୍ୟମରେ ପ୍ରଭାବଶାଳୀ ଭୂମିସ୍ତରୀୟ ପଦକ୍ଷେପ ସୁନିଶ୍ଚିତ କରିବାକୁ ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶ ଦେଇଛନ୍ତି ।

## ଖୁରାନିଆଙ୍କ ବିଦାୟୀ ଅଭିଭାଷଣ;'ଓଡ଼ିଶା ପ୍ରାୟ ନକ୍ସଲମୁକ୍ତ'

ଭୁବନେଶ୍ୱର,୧୬/୮(ନି/ପ୍ର): ଓଡ଼ିଶା ପୋଲିସର ମହାନିର୍ଦ୍ଦେଶକ (ଡିଜିପି) ଜିପି ୱାଇ ବି ଖୁରାନିଆ ତାଙ୍କ ବିଦାୟୀ ଅଭିଭାଷଣରେ ରାଜ୍ୟ ପୋଲିସର ବିଭିନ୍ନ ସଫଳତା ସମ୍ପର୍କରେ ଆଲୋକପାତ କରିଛନ୍ତି । ବିଶେଷକରି ନକ୍ସଲ ଦମନ ଓ ନିଶା ବିରୋଧୀ ଅଭିଯାନରେ ଓଡ଼ିଶା ପୋଲିସ ହାସଲ କରିଥିବା ସଫଳତାକୁ ସେ ଉଲ୍ଲେଖ କରିଛନ୍ତି । ବିଦାୟୀ ଅଭିଭାଷଣରେ ଖୁରାନିଆ ଓଡ଼ିଶା ପୋଲିସର ସହିଦ ଯବାନ ଓ କର୍ମଚାରୀଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ସେମାନଙ୍କ ବଳିଦାନକୁ ସ୍ମରଣ କରିଥିଲେ । ରାଜ୍ୟରେ ନକ୍ସଲ ବିରୋଧୀ ଅଭିଯାନକୁ ଆହୁରି ଶକ୍ତିଶାଳୀ କରାଯାଇଥିବା ସେ କହିଥିଲେ ।ଖୁରାନିଆ କହିଥିଲେ, 'ଆଜି ଓଡ଼ିଶା ପ୍ରାୟ ନକ୍ସଲ ମୁକ୍ତ ହୋଇଛି ।' ଦୀର୍ଘଦିନ ଧରି ରାଜ୍ୟରେ ଚାଲିଥିବା ନକ୍ସଲ



ବିରୋଧୀ ଅଭିଯାନରେ ସୁରକ୍ଷାବାହିନୀ ଓ ପୋଲିସର ମିଳିତ ପ୍ରୟାସ ଫଳପ୍ରଦ ହୋଇଥିବା ସେ ଉଲ୍ଲେଖ କରିଥିଲେ । ସେହିପରି ନିଶା ବିରୋଧୀ ଅଭିଯାନରେ ମଧ୍ୟ ଓଡ଼ିଶା ପୋଲିସ ଉଲ୍ଲେଖନୀୟ ସଫଳତା ପାଇଛି । ନିଶାଦ୍ରବ୍ୟ ଚୋରାଚାଲାଣ ଓ କାରବାର ବିରୋଧରେ ବ୍ୟାପକ ଧରପଗଡ଼ ସହ ଜବତ ପ୍ରକ୍ରିୟାକୁ ଗୁରୁତ୍ୱ ଦିଆଯାଇଥିବା ସେ କହିଥିଲେ ।ସେ ଆହୁରି ମଧ୍ୟ କହିଛନ୍ତି ଯେ , ନିଶାମୁକ୍ତ ଅଭିଯାନ ସମୟରେ ପୋଲିସ ପକ୍ଷରୁ ପ୍ରାୟ ୪ ହଜାର କୋଟି ଟଙ୍କାର ନିଶାଦ୍ରବ୍ୟ ଜବତ କରାଯାଇଛି ।

## ଅନ୍ତରୀଣ ଡିଜିପି ଭାବେ ଦାୟିତ୍ୱ ନେଲେ ବିନୟତୋଷ ମିଶ୍ର

କଟକ,୧୬/୮(ନି/ପ୍ର): ଓଡ଼ିଶା ପୁଲିସର ଡିଜିପି ପଦରେ ପରିବର୍ତ୍ତନ ହୋଇଛି । ଡିଜିପି ୱାଇ.ବି. ଖୁରାନିଆ ରବିବାର ଚାକିରିରୁ ଅବସର ନେବା ପରେ କ୍ରାଇମବ୍ରାଂଚ ଡିଜି ବିନୟତୋଷ ମିଶ୍ର ଅନ୍ତରୀଣ ଡିଜିପି ଭାବେ ଅତିରିକ୍ତ ଦାୟିତ୍ୱ ଗ୍ରହଣ କରିଛନ୍ତି । ରବିବାର ଅପରାହ୍ନରେ କଟକସ୍ଥିତ ପୁଲିସ ମୁଖ୍ୟାଳୟରେ ପହଂଚି ସେ ଦାୟିତ୍ୱ ନେଇଥିଲେ । ଅବସରପ୍ରାପ୍ତ ଡିଜିପି ୱାଇ.ବି. ଖୁରାନିଆ ତାଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିଲେ । ଦୁଇ ଦିନ ପୂର୍ବରୁ ରାଜ୍ୟ ସରକାର ୧୯୯୩ ବ୍ୟାଚ୍‌ର ଆଇପିଏସ୍ ଅଧିକାରୀ ବିନୟତୋଷ ମିଶ୍ରଙ୍କୁ ଅନ୍ତରୀଣ ଡିଜିପି ଭାବେ ନିଯୁକ୍ତ କରିଥିଲେ । ଡିଜିପି ଚୟନ ପ୍ରକ୍ରିୟାକୁ ନେଇ ମାମଲା ସୁପ୍ରିମକୋର୍ଟରେ ବିଚାରାଧୀନ ଥିବାରୁ ଏହି ନିଯୁକ୍ତି



ଗୁରୁତ୍ୱ ବହନ କରୁଛି । ସୂଚନା ଅନୁଯାୟୀ, ଗତ ଗୁରୁବାର ଓଡ଼ିଶାରେ ଡିଜିପି ଚୟନ ପ୍ରକ୍ରିୟା ଉପରେ ସୁପ୍ରିମକୋର୍ଟ ରୋକ୍ ? ଲଗାଇଥିଲେ । ଆସନ୍ତା ୧୮ ତାରିଖ ପର୍ଯ୍ୟନ୍ତ ନୂଆ ଡିଜିପି ଚୟନ ପ୍ରକ୍ରିୟା ଆଗକୁ ନବଢ଼ାଇବାକୁ ୟୁପିଏସ୍ ?ସିକୁ ନିର୍ଦ୍ଦେଶ ଦିଆଯାଇଛି । ତେଣୁ ଏହି ସମୟରେ ପୁଲିସ ପ୍ରଶାସନରେ ନେତୃତ୍ୱର ନିରନ୍ତରତା ବଜାୟ ରଖିବାକୁ ବିନୟତୋଷ ମିଶ୍ରଙ୍କୁ ଅନ୍ତରୀଣ ଦାୟିତ୍ୱ ଦିଆଯାଇଛି ।

# ଇଣ୍ଡୋନେସିଆରେ ପ୍ରକୃତିର ତାଣ୍ଡବ

## ୩ ଥର ଭୂମିକମ୍ପ, ୪୭ ମୃତ



ନୂଆଦିଲ୍ଲୀ,୧୬/୮ : ଦକ୍ଷିଣ-ପୂର୍ବ ଏସୀୟ ରାଷ୍ଟ୍ର ଇଣ୍ଡୋନେସିଆରେ ଶନିବାର ପ୍ରକୃତିର କରାଳ ରୂପ ଦେଖିବାକୁ ମିଳିଛି । ଗୋଟିଏ ଦିନରେ ତିନି ତିନି ଥର ଶକ୍ତିଶାଳୀ ଭୂମିକମ୍ପ ଝଟକାରେ ସମଗ୍ର ଦେଶ ଥରି ଉଠିଥିବା ବେଳେ ବର୍ତ୍ତମାନ ସୁଦ୍ଧା ମୃତ୍ୟୁ ସଂଖ୍ୟା ୪୭ରେ ପହଂଚିଛି । ୭.୭ ତୀବ୍ରତାର ପ୍ରଳୟଙ୍କରୀ ଭୂମିକମ୍ପ ଯୋଗୁଁ ଅନେକ କୋଠାବାଡ଼ି ଭୁଶୁଡ଼ି ପଡ଼ିଥିବା ବେଳେ ୨୦ରୁ ଅଧିକ ଲୋକ ଗୁରୁତର ଆହତ ହୋଇଛନ୍ତି । ସମୁଦ୍ରରେ ୧ ମିଟର ଉଚ୍ଚର ଜୁଆର ଉଠୁଥିବାରୁ ସୁନାମି ଆଶଙ୍କା ଏବେ ମଧ୍ୟ ଟଳି ନାହିଁ । ବନ୍ଦର ସହର ମାଉମେରେ ଏହି ବିପର୍ଯ୍ୟୟରେ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଛି, ଯେଉଁଠାରେ ୨୦ ଜଣଙ୍କର ପ୍ରାଣହାନି ଘଟିଛି । ଭୂମିକମ୍ପର କେନ୍ଦ୍ରସ୍ଥଳ ଭୂପୃଷ୍ଠରୁ ପ୍ରାୟ ୬୮ କିଲୋମିଟର ଗଭୀରତାରେ ଥିବା ବେଳେ ପ୍ରଥମ ଝଟକା ପରେ ୬.୫ ଏବଂ ୬.୦ ତୀବ୍ରତାର ଆଉ ଦୁଇଟି ବଡ଼ କମ୍ପନ ଅନୁଭୂତ ହୋଇଥିଲା । ଇଣ୍ଡୋନେସିଆର ଜାତୀୟ ବିପର୍ଯ୍ୟୟ ପରିଚାଳନା ଏଜେନ୍ସି ଅନୁଯାୟୀ, ପ୍ରାୟ ୨ ହଜାର ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି । ତେବେ ଭୂସ୍ଖଳନ ଏବଂ ରାସ୍ତାଘାଟ ନଷ୍ଟ ହୋଇଯାଇଥିବାରୁ ଅନେକ ପ୍ରଭାବିତ ଅଂଚଳକୁ ଉଦ୍ଧାରକାରୀ ଦଳ ପହଂଚିବାରେ ବଡ଼ ବାଧା ସୃଷ୍ଟି ହୋଇଛି । ସହର ଏବଂ ଗ୍ରାମଗୁଡ଼ିକରେ ବିଦ୍ୟୁତ୍ ବିଭ୍ରାଟ ଯୋଗୁଁ ଯୋଗାଯୋଗ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇଯାଇଥିବାରୁ ଉଦ୍ଧାର କାର୍ଯ୍ୟ ଜଟିଳ ହୋଇପଡ଼ିଛି ।

## ନିଜ ସୁରକ୍ଷା ବିଷୟରେ ଚିନ୍ତା କର: ଟ୍ରମ୍ପଙ୍କୁ ଇରାନର କଡ଼ା ଜବାବ



ତେହେରାନ/ୱାସିଂଟନ,୧୬/୮ :ଡୋନାଲ୍ଡ ଟ୍ରମ୍ପ ହର୍ମୁଜ ପ୍ରଣାଳୀକୁ ଆମେରିକା ଦଖଲ କରିବା ନେଇ ଦେଇଥିବା ମନ୍ତବ୍ୟର କଡ଼ା ଜବାବ ଇରାନ ଦେଇଛି । ଟ୍ରମ୍ପଙ୍କ ଧମକକୁ ଉପହାସ କରି ଇରାନ କହିଛି ରାଷ୍ଟ୍ରପତି ନିଜକୁ ପ୍ରତାରଣା କରି ବିଭିନ୍ନ ପ୍ରକାରର ମିଛ କହୁଛନ୍ତି । ଟ୍ରମ୍ପ ଅନ୍ୟ କୌଣସି ବିଷୟରେ ଅଯଥା ନପଶି ନିଜ ସୁରକ୍ଷା ବିଷୟରେ ଚିନ୍ତା କରିବା ଆବଶ୍ୟକ । ଗତ ମାସରେ ଇରାନର ହତ୍ୟା ଧମକ ପରେ ତୁର୍କୀରୁ ପ୍ରସ୍ଥାନ କରିବା ସମୟରେ ଟ୍ରମ୍ପ ଜୀବନ ଭୟରେ ଖାଦ୍ୟ ଟ୍ରକ୍‌ରେ କିଭଳି ଲୁଚି ଲୁଚି ନିଜ ଦେଶରେ ପହଂଚିଥିଲେ ତାହା ମନେ ପକାଇ ଇରାନ କଟାକ୍ଷ କରିଛି । ଟ୍ରମ୍ପ ଆମେରିକାର ନୌସେନା ହର୍ମୁଜ୍ ପ୍ରଣାଳୀର ସମ୍ପୂର୍ଣ୍ଣ ଅବରୋଧ ବଜାୟ ରଖିଛି ବୋଲି କହିବା ଏବଂ ଇରାନକୁ ପରାସ୍ତ କରିବା ପରେ ୱାସିଂଟନ ଏହି ପ୍ରଣାଳୀକୁ ଆମେରିକୀୟ ଅଂଚଳ ବୋଲି ଦାବି କରିବ ବୋଲି କହିବାର ଗୋଟିଏ ଦିନ ପରେ ଇରାନ ସଂସଦର ଜାତୀୟ ସୁରକ୍ଷା ଏବଂ ବୈଦେଶିକ ନୀତି କମିଟିର ଅଧ୍ୟକ୍ଷ ଇବ୍ରାହିମ୍ ଅଜିଜି ଏକ ସୋସିଆଲ ମିଡିଆ ପୋଷ୍ଟରେ ଏଭଳି ମନ୍ତବ୍ୟ ଦେଇଛନ୍ତି । ସେ କହିଛନ୍ତି, ଆମେରିକା ରାଷ୍ଟ୍ରପତିଙ୍କୁ ହର୍ମୁଜ୍ ପ୍ରଣାଳୀ ସମ୍ପର୍କରେ ନାନା ପ୍ରକାର ମିଛ କହିବା ପରିବର୍ତେ ନିଜ ସୁରକ୍ଷା ବିଷୟରେ ଚିନ୍ତା କରିବା ଉଚିତ୍ । କିଭଳି ଟ୍ରମ୍ପ ଖାଦ୍ୟ ଟ୍ରକରେ ଲୁଚି ଆମେରିକା ଫେରିଥିଲେ ତାହା କ'ଣ ଆଉ ମନେ ନାହିଁ ବୋଲି ସେ କଟାକ୍ଷ କରିଛନ୍ତି । ଜୁଲାଇ ମାସରେ ନାଟୋ ସମ୍ମିଳନୀ ପରେ ଟ୍ରମ୍ପଙ୍କ ଅଙ୍କାରାରୁ ପ୍ରସ୍ଥାନ ସମୟରେ ହୋଇଥିବା ଏକ ରିପୋର୍ଟ ଅନୁଯାୟୀ ସୁରକ୍ଷା ଅଭିଯାନକୁ ନେଇ ଅଜିଜି ଏଭଳି ମନ୍ତବ୍ୟ ଦେଇଛନ୍ତି । ଏହି ସମୟରେ, ହ୍ୱାଇଟ୍ ହାଉସର ଜଣେ ଅଧିକାରୀ ଆମେରିକୀୟ ଗଣମାଧ୍ୟମକୁ କହିଛନ୍ତି ଯେ, ଟ୍ରମ୍ପ ହର୍ମୁଜ୍ ପ୍ରଣାଳୀକୁ ଆମେରିକାର ଅଂଚଳ ଘୋଷଣା କରିବା ବିଷୟରେ ଏକ ମଜାଳିଆ ଢଙ୍ଗରେ କହିଥିଲେ ।

## ଲଗାଣ ବର୍ଷାରେ ଜାତୀୟ ରାଜପଥ ଧସିଲା ଗାଡ଼ି ଧସେଇ ପାଣିରେ ଓଲଟିଲା



ମହାକାଳପଡ଼ା,୧୬/୮(ନି/ପ୍ର): ଗତ କିଛି ଦିନ ଧରି ହେଉଥିବା ଲଗାଣ ବର୍ଷା ଯୋଗୁଁ ମହାକାଳପଡ଼ା ଅଂଚଳ ଦେଇ ଯାଇଥିବା ୫୩ ନଂ ଜାତୀୟ ରାଜପଥର ଏକ ଅଂଶ ନୀଳାଚଳ ବଜାର ନିକଟରେ ଆଜି ସକାଳ ପ୍ରାୟ ୮ ଟା ସମୟରେ ଧସି ଯାଇଛି । ଫଳରେ ୩ଟି ଟ୍ରକ୍ ଧସି ଯାଇ ପାଣିରେ ଓଲଟି ପଡ଼ିଛି । ସୌଭାଗ୍ୟବଶତଃ ଏହି ଦୁର୍ଘଟଣାରେ କୌଣସି ପ୍ରାଣହାନି ଘଟିନାହିଁ । ରାଜପଥର ମାଟି ଧସି ଯାଇଥିବାରୁ ଟ୍ରକ୍ ଗୁଡ଼ିକ ଭାରସାମ୍ୟ ହରାଇ ରାସ୍ତାକଡ଼ରେ ଥିବା ପାଣିରେ ଓଲଟି ପଡ଼ିଛି । ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି ଯେ ନିମ୍ନମାନର କାମ ଯୋଗୁଁ ଅଳ୍ପ ବର୍ଷାରେ ହିଁ ଜାତୀୟ ରାଜପଥ ଧସି ଯାଉଛି । ତୁରନ୍ତ ସ୍ଥାୟୀ ସମାଧାନ କରିବାକୁ ସେମାନେ ଦାବି କରିଛନ୍ତି ।

# ବିବିଧା



## କାର୍ତ୍ତିକ ମାସରେ ପ୍ରାତଃସ୍ନାନ କାହିଁକି?

### କାର୍ତ୍ତିକ ସ୍ନାନର ପୌରାଣିକ କାରଣ

### କାର୍ତ୍ତିକ ସ୍ନାନର ବୈଜ୍ଞାନିକ କାରଣ





## ରିଲିଜ୍ ପୂର୍ବରୁ ଆଖି ବୁଜିଦେଲେ 'କାନ୍ତରା'ର ଅଭିନେତା



## ଡାଇମଣ୍ଡ ଡ୍ରେସ୍ ପିନ୍ଧି ଚମକିଲେ ଐଶ୍ୱର୍ଯ୍ୟା



## ଚୁମ୍ବନ ଦୃଶ୍ୟ ପାଇଁ ଅନେକ ଫିଲ୍ମ ଅଫର ଛାଡ଼ିଛନ୍ତି ସୋନମ



ଉତ୍କଳ ସମାଚାର

## ସମ୍ପାଦକୀୟ...

**ସୋମବାର ୧୭ ଅଗଷ୍ଟ ୨୦୨୬**

# ଆମର ଗାଁ ଚଳଣିରେ ମୋ ପିଲା ଦିନ

ଆମ ଗାଁର ନାମ ତରଡ଼ାପଡ଼ା ଏହାର ଇତିହାସ ଅଛି, ମାତ୍ର ତାହା ଏପରି ଲିପିବଦ୍ଧ ଭାବରେ କେବେ ଲୋକଲୋଚନ ଆସିନାହିଁ। ଅନେକ ସାହି ବସ୍ତିରେ ଆମ ଗାଁର ସ୍ଥିତି ରହିଛି, ସାହି ବସ୍ତି ସବୁ ଗାଁରେ ଅଛି ଏଠାରେ ବିଶେଷତ୍ୱ ହେଲା ଯେମିତି ଏକ ବିଶେଷ ଆଦେଶରେ ଏହାର ସ୍ଥିତି ରହିଛି। କାରଣ ସାହିରେ ଚଣ୍ଡୀ ସାହି, ହରିଚନ୍ଦନ ସାହି, ପଟ୍ଟନାୟକ ସାହି, ଚଣ୍ଡୀ ସାହିରୁ ହରିଚନ୍ଦନ ସାହି ଏକ ସରଳ ରେଖାରେ ନିର୍ମାଣ ରହିଥିବା ବାସସ୍ଥାନ ଥିଲା। ଏହା ଦକ୍ଷିଣା ମୁହଁ ଦାଣ୍ଡିର ସବୁଘର ଏହାର ଦିଗପରିବର୍ତନ ନୃସିଂହନାଥ ବିଜେସ୍ଥଳୀ ଠାକୁର ଦାଣ୍ଡ ପ୍ରାଙ୍ଗଣରୁ ଏକ ଲମ୍ବା ପଥ ଦକ୍ଷିଣଗାମୀ ଏହା ଯେଉଁଠି ପଶ୍ଚିମ ମୋଡ଼ରେ ଘୁରୁଛି ସେଠାରେ ପ୍ରଖ୍ୟାତ ବାଳକୃଷ୍ଣବାବୁ ପ୍ରାପ୍ତନ ଅଭିଜାତ୍ୟ ବଗିଚା ମଧ୍ୟରେ ବାସ ସ୍ଥାନ, ସେଠାରୁ ପଶ୍ଚିମକୁ ଲମ୍ବିବା ରାସ୍ତାଟି ଠାକୁର ପୋଖରୀର ଦକ୍ଷିଣ ତରଫ ବନ୍ଧ ଦେଇ ପଟ୍ଟନାୟକ ସାହି, ପୁଣି ସେଠାରୁ ରାସ୍ତାଟି ଦକ୍ଷିଣକୁ ବହୁତ ଲମ୍ବି ଉମା ପୋଖରୀର ପୂର୍ବ ପଦଟ ଦେଇ ମହାକାଳ ଗୋରଡ଼ା ଯାଏ ଓ ଉମାପୋଖରୀ ଦକ୍ଷିଣ ତରଫରୁ ଏକ ରାସ୍ତା ପଶ୍ଚିମ ହୋଇ ରାଜପଥ ଜଗତସିଂହାପୁରରୁ ଜଇପୁର ରାସ୍ତାକୁକାଟି ମଲ୍ଲିକ ସାହି ଦେଇ ତାଲି ପୋଖରୀ ଗୋପାଳ ସାହି ସମ୍ବନ୍ଧ କରିଛି। ଏହାପରେ ଗୋପାଳ ସାହିରୁ ପୁଣି ତାଲିପୋଖରୀ ପୂର୍ବ ଦେଇ ଲହଙ୍ଗା ବସନ୍ତପୁର ଓ ବିଲସାହି ଯାଇଛି ଗାଁ ମଧ୍ୟରେ ଖଞ୍ଜା ହୋଇଅଛି ବ୍ରାହ୍ମଣ ସାହି, କମାରସାହି, ଚମାରସାହି, ଧୋବା ସାହି, ବୁଣା ସାହି ତନ୍ତୀ ସାହି, ପାଣି ସାହି, ବଢ଼େଇ ସାହି, ତେଲି ସାହି, ପାଟରା ସାହି, ଭଣ୍ଡାରୀ ସାହି, କୁମ୍ଭାର ସାହି, ବାଉରୀ ସାହି। ଏ ଗାଁ ଏକଦା ସ୍ୱାବଲମ୍ବୀ ଥିଲା ଗ୍ରାମର ବ୍ୟକ୍ତି ବିଶେଷଙ୍କ ଧନ ଜୀବନ ଭୂସମ୍ପନ୍ନି କୃଷି କୃଷିଜାତ ଦ୍ରବ୍ୟ ଉପରେ ଅତୀତରେ ଅନେକ ପ୍ରକାର କଷ୍ଟ ଆସିଥିବ, ଧର୍ମ ଭାବ ଉପରେ ଆସିଥିବ, କାରଣ ଦୁଇଟି ମୁସଲିମ ବସ୍ତି ଗ୍ରାମର ଉତ୍ତର ଓ ଦକ୍ଷିଣରେ ଅଛି। ଏ ପାଇଁ ଅସ୍ତ୍ରଧାରୀ ଓ ସବଳ ସଜାଗ ଯୁବଶକ୍ତି ସବୁ ସାହିରେ ଆବଶ୍ୟକ ରହୁଥିଲା। ଗ୍ରାମର ମାମଲା ଗ୍ରାମରେ ହିଁ ରଫା ହେଉଥିଲା। ସବୁ ପାଟକଙ୍କ ଜାତି ସଭା ଥିଲା ହିଡମାଟି ହିଡ଼ରେ ଲଦି ଲୋକେ ଅତି ଖୁସିରେ ଥିଲେ କିନ୍ତୁ ଆଜିଦିନରେ ଗାଁ ଖାଲି ଖାଲି ଲାଗୁଛି, ଚାଷ ପଛକୁ ଗଲାଣି ଜମି ସଂଖ୍ୟା ଲଘୁ ମାନେ କିଣିନେବା କରିବା ଦେଖାଗଲାଣି। ଧାନ ବିଲରେ କୋଠା ସବୁ ବାହାର ଗାଁ ଲୋକ କରିବା ଦେଖାଗଲାଣି। ଗାଁରେ ବଜାର ନର୍ସିଙ୍ଗହୋମ ଡାକ୍ତରଖାନା ହୋଟେଲ ହେଲାଣି ସବାରୀ ପାନିକି ଐତିହ୍ୟ ଗାଁରେ ମାଳ ମାଳ ଯନ୍ତ୍ର ଯାନ, ବଳଦ, ହଳ ନାହିଁ, ଟ୍ରାକ୍ଟରରେ ଚାଷ ଯୁବକମାନେ ନିଶା ଆକୃଷ୍ଟ ନିଜ ନିଜ ମଧ୍ୟରେ ଭାଇଚାରା ନାହିଁ। କିଥିଲା, କିହେଲା, ଭାବିଲେ ଆଶ୍ଚର୍ଯ୍ୟ ଲାଗୁଛି। ପୋଖରୀ, ଯାହା ଜଳଭଣ୍ଡାର, ଏହା ମନୁଷ୍ୟ ମାନଙ୍କର କେବଳ ନୁହେଁ ପଶୁପକ୍ଷୀ, ବୃକ୍ଷଲତା ସମସ୍ତଙ୍କର ଦରକାରୀ ଏପରିକି ପାଖ ଭୂମିକୁ ଥଣ୍ଡା ରଖେ ଉଦବାଇ ଗ୍ୟାକୁ ଶୋଷି ଗ୍ୟାର କାରଣ କରେ, ମାଟିତଳ ଜଳ ସ୍ତରରେ ସମତା ରକ୍ଷା କରିଥାଏ ସ୍ଥାନୀୟ ପ୍ରକୃତିର ବିଶେଷ ଅଙ୍ଗ ଭାବରେ ପୋଖରୀର ଜଳଭଣ୍ଡାର ତହାଳ ବିଶେଷ କର୍ମ ମୁଖର ଥିଲା। ମାଟି ସଛିଦ୍ର ଶୋଷଣ ଗୁଣ ବିଶିଷ୍ଟ ବର୍ଷା କାଳର ଜଳସ୍ତରରୁ ପୁଷ୍କରିଣୀ ତୀର ଓ ଗର୍ଭ ନିର୍ଣ୍ଣୟ ଧାରା ଶାସ୍ତ୍ରରେ ଅଛି, କାଳକ୍ରମେ ଜଳରେ ଫୁଲ ଓ ପାଣି ଫଳ ସିଙ୍ଗଡ଼ା ମନୁଷ୍ୟର ଚାଷ ଚିନ୍ତା ପଶିଲା, ଆର୍ୟୁବେଦିକ ଔଷଧ ଏହି ମିଠା ପାଣିରେ ହେଉ ଥିବା ଜଳର ଉଦ୍ଭିଦରେ ସଂଗ୍ରହ କରାଗଲା। ଜଳରେ ମାଛ ଚାଷ ହେଲା ଗେଣ୍ଡା ସାମୁକା ଆବଶ୍ୟକ ହେଲା ଏମିତି ହେଲା ପୋଖରୀ ବ୍ୟବସାୟର କ୍ଷେତ୍ର ଏଥିରୁ ଲୋକେ ପ୍ରକୃତ ଜଳ ପୁଣ୍ୟ ଦିଗରୁ ଦୂରେଇ ଗଲେ ଜଳ ଦାନ ଏକ ବିଶେଷ ଦାନ, ପ୍ରତିପୋଖରୀ ଘାଟ ଏକ ଦେବ ଉପାସନାର ସ୍ଥଳୀ, ଭଗବାନ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଲୋକେ ସ୍ନାନ ବେଳେ ଦିଅନ୍ତି ପିତୃପୁରୁଷଙ୍କୁ ଅର୍ଘ୍ୟ ଆଞ୍ଜୁଳି ଦିଅନ୍ତି ଯେ ଏହି ପୋଖରୀ ଖାଳାଇଥାନ୍ତି, ଏସବୁ ଅର୍ଘ୍ୟ ଦାନରେ ପ୍ରାପ୍ୟ ପୁଣ୍ୟରେ ଭାଗିଦାର ହୁଅନ୍ତି। ଖରାଦିନେ ପୂର୍ବେ ନଡ଼ାଛପର ଘରେ ନିଆଁ ଲାଗିଲେ ଏହି ପାଖ ପୋଖରୀର ଜଳ ହିଁ ଭରସା ଥିଲା। ମାଟି ଏକ ବିଶେଷ ବିଶୋଧକ ଏକ ପୋଖରୀ ତମାମ ପାଣିରେ ପନି ରୋଗ ଜୀବାଣୁ ଭୂତାଣୁ ଶେଷ କରେ, ବର୍ତ୍ତମାନ ସମସ୍ତେ ଗାଧୁଆ ଘରେ ଗାଧୋଇଲେଣି ଯାହା ଟେକାପାଣି ଶରୀରରେ ଜଳ ଢ଼ାଳି ହୋଇ ତାହା ଅଦରକାରୀ ହୋଇ ଯାଉଛି, ଏବେ ବିଭିନ୍ନ ସହରରେ ଟାଙ୍କିକୁ ଯୋଗାଲ ଜଳ ପାଇଁ ମିଟର ଲାଗିବା ଦେଖାଗଲାଣି। ଜଳ ଟିକସ ଆସ୍ତେ ଆସ୍ତେ ନିଶ୍ଚୟ ବୋଝ ପଡ଼ିବ ଯଦି ଏହି ପୋଖରୀ ବ୍ୟବସ୍ଥା କରାଯିବ ତେବେ କେବେ ଅର୍ଥ ବୋଝ ବଢ଼ନ୍ତା ନାହିଁ ଏମିତି ଅନେକ ରୋଗ ମନକୁ ମନ କମି ଯାଆନ୍ତା ପୋଖରୀ ଜଳରେ ବୁଡ଼ି ଗାଧୋଇଲେ ଦେହରେ ଅନେକ ପିନ୍ନ ବିକାର ଠିକ ହୋଇଯାଆନ୍ତା। ଏକ ସାଇର ଜଳ ଘାଟ ସ୍ନାନ ନାରୀ ନାରୀ ମଧ୍ୟ ଅନେକ ଭାବ ସାମ୍ୟ ଆଣନ୍ତା ମାନିବୃନ୍ନ ବଢ଼ନ୍ତତା। ଡେଣ୍ଡା ଯନ୍ତ୍ର, ସେଣା, ଏବେ ଦୁର୍ଲଭ ଯାହା ଅନେକ ଫସଲ ଆଉ ଗ୍ରାମ ଓଡ଼ିଶାରେ ହେଉନାହିଁ। ଧର୍ମଶାସ୍ତ୍ରର ଧାରା ଆସ୍ତେ ଆସ୍ତେ ପୋଛି ହୋଇ ଯାଉଛି। ଦଶହରା ଆସିଲା, ଖଣ୍ଡା, ଲେଖନକୁ ପଜାଇବା ସମୟ ଆସିଲା, ପରମ୍ପରା, ମନେ ପଡ଼େ ମୋର ପିଲା ଦିନର କଥା, ଆମ ଗ୍ରାମରେ କମାର ଦୁଇଘର ପ୍ରକୃତରେ ମୂଳତଃ ଏକ ପରିବାର ଏକଦା ଥିଲେ ପଙ୍କଜ ଓଝାଙ୍କ ସନ୍ତାନ ମାଗୁ ଓ ଧଡ଼ି ଏଥିରେ କେବଳ ଲୁହାରେ କାମ କରି ବଂଶ ଗତ କୌଳିକ ବୃତ୍ତିରେ ବେଶୀ ସମୟ, ମାଗୁ ଓଝା ହିଁ ଲାଗି ରହୁଥିଲେ। କମାରଶାଳ ଏକ ପ୍ରାଚୀନ ଶିଳ୍ପ କାର୍ଯ୍ୟାଳୟ, ଏଥିପାଇଁ ଲେହି, ହାତୁଡ଼ି, ବହତୁ ସଂଢୁଆସି ଚେଣି, ବିନ୍ଧିଣି ଦରକାର। ଏହା ସହ ଭାତି ଆବଶ୍ୟକ, ଭାତି ସେତେବେଳେ ବର୍ତ୍ତମାନ ପରି ବିଦ୍ୟୁତ ଚାଳିତ ନଥିଲା ଏକ ଚାମଡ଼ାମୁଣାର ଭାତି ଯାହା ସେତେବେଳେ ମୁର୍ଗୀହଟା କଲିକତାରେ ମିଳୁଥିଲା ଲୁହା ଲେହି ଯାହା ରେଳଲାଇନରେ ବ୍ୟବହାର ତାର କିଛି ଅଂଶ ଏହାବି ସେହି କଲିକତାରେ ମିଳୁଥିଲା। ଶାଣ ଉହା ଏବି ସେଇ କଲିକତାର ଦ୍ରବ୍ୟ, ଏସବୁ ଯୋଗାଡ଼କାରୀ ଶାଳକାମ ମାଗୁ ଓଝା ଚଳାଉଥିଲେ, ଏଇ ଦଶହରାରେ ଖଣ୍ଡା ଲେପନ କରଣଙ୍କର ଓ କେବଳ ଖଣ୍ଡା ଖଣ୍ଡାୟତଙ୍କର ଏସବୁ ଗ୍ରାମର ଓ ଗ୍ରାମ ପାଖ ଗ୍ରାମରୁ ତାଙ୍କ ଶାଳକୁ ଆସୁଥିଲା ଏପରିକି ବାରିକ ମାନଙ୍କର କତୁରୀ ନହୁରୁଣୀ ଧାର ପଜା ହେବାପାଇଁ ଆସୁଥିଲା। ଏକ ସମୟରେ କର୍ମ ଭିଡ଼ରେ ତାଙ୍କ ପତ୍ନୀ କୋକିଳ ମା'ସହଯୋଗୀ ରହୁଥିଲେ। ଚାଷ ବେଳେ ସ୍ତ୍ରୀ ଦୋମଣିଷା ଲଙ୍ଗଳ ଲୁହା ତିଆରି, ପକାଇବା, ଦା ପ୍ରସ୍ତୁତ ଓ ଦା ପଜାଇ କୁଟାଇବା ଏସବୁ କାର୍ଯ୍ୟରେ ସ୍ୱାମୀ ସ୍ତ୍ରୀ ଦୁଇଜଣଙ୍କ ଅବଦାନ ଥିଲା କିନ୍ତୁ ସମୟ ଆସିଲା ସେ ବୃତି ଧନ୍ଦା ରୁଦ୍ଧ ସକାଳୁ ହାତୁଡ଼ି ପାହାର ଶବ୍ଦ ଆଉ ଶୁଣା ଯାଉନାହିଁ କି ସେଦୋମଣିଷା ଆଉ ନାହାନ୍ତି, ଏହା ଏକ ସ୍ମୃତି।

# ଯୁଦ୍ଧ ମାନସିକତା : କାରଣ ଓ ନିରାକରଣ

ସୃଷ୍ଟିର ପ୍ରାରମ୍ଭ କାଳରୁ ବିଶ୍ୱରେ ମାନବ ସଭ୍ୟତା ଅନେକ ଯୁଦ୍ଧର ବିଭୀଷିକା ସାମ୍ନା କରିଛି । ବିଭିନ୍ନ କାଳଖଣ୍ଡରେ ସେ ଟ୍ରୋଜାନ ଯୁଦ୍ଧ ହେଉ, ମୋଙ୍ଗଲ ଆକ୍ରମଣ ହେଉ, ଦ୍ୱିତୀୟ କଙ୍ଗୋ ଯୁଦ୍ଧ ହେଉ, ପ୍ରଥମ ବିଶ୍ୱଯୁଦ୍ଧ ହେଉ, ଦ୍ୱିତୀୟ ବିଶ୍ୱଯୁଦ୍ଧ ହେଉ, ଭିଏତନାମ ଯୁଦ୍ଧ ହେଉ, ଆମେରିକା ଗୃହ ଯୁଦ୍ଧ ହେଉ, ଆଫଗାନିସ୍ତାନ ଯୁଦ୍ଧ ହେଉ, ରୁଷିଆ-ୟୁକ୍ରେନ ଯୁଦ୍ଧ ହେଉ କିମ୍ବା ଆମେରିକା-ଇରାନ ଯୁଦ୍ଧ ହେଉନ୍ତୁ ସବୁ ସମୟରେ ପ୍ରଭୂତ ସମ୍ବଳ କ୍ଷତି, ଧନ ଜୀବନ ହାନି ହେବା ସଙ୍ଗେ ସଙ୍ଗେ ବିଷାକ୍ତ ରାସାୟନିକ ପଦାର୍ଥ ନିର୍ଗତ ହେବାଦ୍ୱାରା କର୍କଟ ଓ ହୃଦ୍‌ରୋଗ ବ୍ୟାପିବା ସହ ଜୀବନକୁ ଦୁର୍ବିସହ କରିଥାଏ । ତେବେ ଏତେ ଚରମ ଭୟାବହତା ସତ୍ତ୍ୱେ ମାନବ ସମାଜରେ ଚେତନାର ଉତରଣ ହେଉନାହିଁ କାହିଁକି ? ଏବେ ଆସନ୍ତୁ ଏହାର ସମ୍ଭାବ୍ୟ କାରଣ ସମ୍ପର୍କରେ ସମ୍ୟକ ଆଲୋଚନା କରିବା । ମନସ୍ତତ୍ତ୍ୱବିତ୍‌ଙ୍କ ମତରେ ଜଣେ ବ୍ୟକ୍ତିର ମାନସିକ ସ୍ତରରେ କେତେକ ଇଚ୍ଛା, ଅଭୀପ୍ସା ପୂରଣ ନହେଲେ ସାଧାରଣତଃ ଈର୍ଷା, ଦ୍ୱେଷ, ସନ୍ଦେହ, ଶତ୍ରୁ ମାନସିକତା, ଯୁଦ୍ଧ ମାନସିକତା ଭାବ ଜାଗ୍ରତ ହୋଇଥାଏ । ଅନ୍ୟ ଜଣକର ପ୍ରଭାବ, ପ୍ରତିପତି ଲୋକପ୍ରିୟତା ବୃଦ୍ଧି ପାଇଲେ ଆମେ ନିଜର ସ୍ଥିତି, ପ୍ରତିଷ୍ଠା, ସୁରକ୍ଷା ଓ ନିରାପତ୍ତା ପ୍ରତି ବିପଦ ସୃଷ୍ଟି ବିଷୟରେ ଆବଶ୍ୟକତା ଠାରୁ ଅଧିକ ଚିନ୍ତିତ ହୋଇପଡୁ । ସୁତରାଂ, ନିଜ ସ୍ଥିତି ଓ ପ୍ରତିଷ୍ଠାକୁ ସୁଦୃଢ଼ କରିବା ପାଇଁ ସେହି ବ୍ୟକ୍ତି ଶତ୍ରୁତାକୁ ମୁଖ୍ୟ ଆୟୁଧ କରିଥାଏ । ଏହି ଶତ୍ରୁତା ବ୍ୟକ୍ତି ବ୍ୟକ୍ତି ମଧ୍ୟରେ ଗ୍ରାମ-ଗ୍ରାମ ମଧ୍ୟରେ, ରାଜ୍ୟ-ରାଜ୍ୟ ମଧ୍ୟରେ ବା ଦେଶ ଦେଶ ମଧ୍ୟରେ ହୋଇ ବେଳେବେଳେ ଘମାସାନ ଯୁଦ୍ଧରେ ପରିଣତ ହେବା ପରେ ଭୟାନକ ପରିସ୍ଥିତି ସୃଷ୍ଟି କରିଥାଏ । ଏହି ଶତ୍ରୁ ମାନସିକତା ଯୁଦ୍ଧ ବ୍ୟତୀତ କେତେକ ମହାନ ବ୍ୟକ୍ତିତ୍ୱଙ୍କ ପ୍ରାଣହାନିର ମଧ୍ୟ କାରଣ ହେବାର ନଜିର ଅଛି । ଏହି ଶତ୍ରୁ ମାନସିକତା ଅତୀତରେ ଏଭଳି ଉଗ୍ରରୂପ ନେଇଥିଲା ଯେ, ଇତିହାସ ପୃଷ୍ଠା ଅବଲୋକନ କଲେ ଯେକେହି ସ୍ତବଧ ହେବା ସ୍ୱାଭାବିକ । ଆଦର୍ଶଗତ ପାର୍ଥକ୍ୟ, ରାଜନୈତିକ ଚକ୍ରାନ୍ତ ଓ ଭ୍ରାନ୍ତ ଧାରଣାର ବଶବର୍ତୀ ହୋଇ କେତେକ ନରପିଶାଚ ଶ୍ରେଣୀୟ ବ୍ୟକ୍ତିବିଶେଷ ଅନେକ ମହାନ ଜ୍ଞାନୀ, ଗୁଣୀ, ତ୍ୟାଗୀ, ରାଷ୍ଟ୍ରନେତାଙ୍କୁ ହତ୍ୟା କରିଥିଲେ ବା ମୃତ୍ୟୁଦଣ୍ଡରେ ଦଣ୍ଡିତ କରିଥିଲେ । ସେହି ମହାନ ବ୍ୟକ୍ତିଙ୍କ ମଧ୍ୟରେ ଅଛନ୍ତି ଗ୍ରୀକ ଦାର୍ଶନିକ ସକ୍ରେଟିସ, ଇଟାଲି ଦାର୍ଶନିକ ଜିଓର୍ଡାନୋ ବ୍ରୁନୋ, ଆମେରିକା ରାଷ୍ଟ୍ରପତି ଦ୍ୱୟ ଆବ୍ରାହମ ଲିଙ୍କନ ଓ ଜନ୍ ଏଫ୍ କେନେଡ଼ି, ଆମେରିକାର ନାଗରିକ ଅଧିକାର ଆନ୍ଦୋଳନ ନେତା ମାର୍ଟିନ ଲୁଥର କିଙ୍ଗ ଜୁନିଅର, ଭାରତର ଜାତୀୟ ପିତା ମହାତ୍ମା ଗାନ୍ଧୀ, ଯେଉଁମାନେ କି ନିସ୍ୱାର୍ଥପର ଭାବେ ନିଜ ଦେଶପାଇଁ ପ୍ରାଣବଳି ଦେଇ ଅମର ସହିଦ ହୋଇଯାଇଛନ୍ତି । ଏଭଳି ଯୁଦ୍ଧଜନିତ ବିଭୀଷିକାମୟ ପରିସ୍ଥିତି ନିକଟ ଅତୀତରେ ସୃଷ୍ଟି ହୋଇଛି ନିରୁତା ଅହଙ୍କାର ଓ ଚରମ ଶତ୍ରୁତାର ପ୍ରତିଫଳନ ମାଧ୍ୟମରେ, ଯାହାକି ସମଗ୍ର ବିଶ୍ୱକୁ ସ୍ତବ୍ଧ କରିଦେଇଛି । ଦୁଇଟି ଭୟାନକ ଯୁଦ୍ଧ ଏଯାବତ ମଧ୍ୟ ସମାପ୍ତ ହେବାର କୌଣସି ସୂଚନା ମିଳୁନାହିଁ । ୟୁକ୍ରେନ ଯେତେବେଳେ ନାଟୋ ସଦସ୍ୟତା ଗ୍ରହଣ କରିବାକୁ ଉଦ୍ୟମ କଲା ସେତେବେଳେ ରୁଷିଆ ଚିନ୍ତା କଲା ୟୁକ୍ରେନକୁ ନାଟୋ ସଦସ୍ୟତା ମିଳିବା ପରେ ସେ ପାଶ୍ଚାତ୍ୟ ଦେଶମାନଙ୍କର ନିକଟତର ହୋଇ ରୁଷିଆ ପ୍ରତି ବିପଦ ସୃଷ୍ଟି କରିବ । ତେଣୁ ନାଟୋ ସଦସ୍ୟତା ଗ୍ରହଣ ନକରିବା ପାଇଁ ରୁଷିଆ ୟୁକ୍ରେନକୁ ପରାମର୍ଶ ଦେଲା । ୟୁକ୍ରେନ ଉକ୍ତ ପରାମର୍ଶକୁ ପ୍ରତ୍ୟାଖ୍ୟାନ କରିବାରୁ ରୁଷ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ ୨୪ ଫେବ୍ରୁଆରୀ ୨୦୨୨ରେ ୟୁକ୍ରେନ ଉପରେ ଆକ୍ରମଣ କଲେ । ଯୁଦ୍ଧ ଆରମ୍ଭ ହେଲା, ଯାହାକି ଅଦ୍ୟାବଧି ଜାରି ରହିଛି । ସେହିପରି ଆମେରିକା ଇରାନର ଆଣବିକ ସାମର୍ଥ୍ୟ, ଅସ୍ତ୍ରଶସ୍ତ୍ର ପ୍ରସ୍ତୁତି, ବାଲିଷ୍ଟିକ ମିସାଇଲ ଦେଖି ଏକପ୍ରକାର ଉଦ୍‌ବେଗ ପ୍ରକାଶ କରିବା ସହ ଆଣବିକ ପରୀକ୍ଷଣରୁ ନିବୃତ ରହିବାକୁ ଇରାନକୁ ପରାମର୍ଶ ଦେଲା । ଇରାନ ଉକ୍ତ ପରାମର୍ଶକୁ ପ୍ରତ୍ୟାଖ୍ୟାନ କରିବାରୁ ରାଷ୍ଟ୍ରପତି ଡୋନାଲଡ ଟ୍ରମ୍ପ ଇରାନର ପୁରୁଣା ଶତ୍ରୁ ଇସ୍ରାଏଲ ସହ ହାତ ମିଳାଇ ୨୮ ଫେବୃଆରୀ ୨୦୨୬ରେ ଇରାନ ଉପରେ ଆକ୍ରମଣ କଲେ । ଇରାନ ହମାସ, ହେଜବୁଲ୍ଲା, ହାଉଟିସ ଭଳି ସନ୍ତ୍ରାସବାଦୀ ଗୋଷ୍ଠୀକୁ ଖୋଲା ସମର୍ଥନ ଦେଉଥିବାର ବିଶ୍ୱର ଅନ୍ୟ ଶକ୍ତିଶାଳୀ ରାଷ୍ଟ୍ରମାନଙ୍କ ସମର୍ଥନ ମିଳିବା ଓ ଅନ୍ତର୍ଜାତୀୟ ସ୍ତରରେ ଯୁଦ୍ଧ ଘୋଷଣାର ଯଥାର୍ଥତା ଦର୍ଶାଇବା ନିମିତ ଆମେରିକା ଇରାନକୁ ସନ୍ତ୍ରାସବାଦ ପୃଷ୍ଠପୋଷକ ରାଷ୍ଟ୍ର କହି ଆକ୍ରମଣ କଲା । ଯୁଦ୍ଧ ଅଦ୍ୟାବଧି ଚାଲୁଅଛି ଯାହାଫଳରେ ଅନେକ ଦେଶରେ ରନ୍ଧନ ଗ୍ୟାସ ଓ ତୈଳର ଉତ୍କଟ ସମସ୍ୟା ଦେଖାଦେଇଛି । ଇରାନର ଉତ୍ତର ପଟୁ ଏବଂ ଓମାନର ଦକ୍ଷିଣ ପଟୁ ହୋର୍ମୁଜ ପ୍ରଣାଳୀ ଉପରେ ମାଲିକାନା ଥିବାରୁ ଇରାନ ହୋର୍ମୁଜ ପ୍ରଣାଳୀକୁ ଉତ୍ତର ପଟେ ତୈଳବାହୀ ଜାହାଜ ପରିବହନ ଉପରେ କଟକଣା ଜାରି ରଖିଛି, ଯେଉଁଥିପାଇଁ ଉତ୍କଟ ତୈଳସଙ୍କଟ ଦେଖାଦେଇଛି ଓ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଦରଦାମ ବଜାରରେ ଅହେତୁକ ଭାବେ ବୃଦ୍ଧିପାଇଛି । ଏହି ଦୁଇଟି ଯୁଦ୍ଧ ଚାଲୁଥିବା ବେଳେ ବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧରେ ଘଟିଥିବା ଦୁଇଟି ବିଶ୍ୱଯୁଦ୍ଧର ଭୟାବହତା ସ୍ମରଣ କରାଇଦେବା ସହ ତୃତୀୟ ବିଶ୍ୱଯୁଦ୍ଧର ଆଶଙ୍କା ମଧ୍ୟ ସୃଷ୍ଟି କରୁଛି । ସମଗ୍ର ବିଶ୍ୱବାସୀ ରୁଷିଆ, ଆମେରିକା ଚୀନ ଭଳି ଆଣବିକ ଶକ୍ତିସମ୍ପନ୍ନ ରାଷ୍ଟ୍ରମାନଙ୍କ ଆଭିମୁଖ୍ୟ, ଗତିବିଧି ଉପରେ ଧ୍ୟାନ କେନ୍ଦ୍ରୀଭୂତ କରି ରଖିଛନ୍ତି । ଏବେ ଆସନ୍ତୁ ଜାଣିବା ଶତ୍ରୁତା ମନୋଭାବ, ଯୁଦ୍ଧଖୋର ମନୋବୃତ୍ତିର ଉତ୍ପତ୍ତି ସମ୍ପର୍କରେ ମନସ୍ତତ୍ତ୍ୱବିତ୍ ଓ ଦାର୍ଶନିକମାନେ କ'ଣ କହିଛନ୍ତି । ସିଗମଣ୍ଡ ଫ୍ରଏଡ କହନ୍ତି- ମଣିଷ ମଧ୍ୟରେ ଥିବା ବିଧ୍ୱଂସକାରୀ ମୃତ୍ୟୁଚେତନା (ଞ୍ଜଷବଭବଙ୍ଖକ୍ଷ୍ଟ)ର ପ୍ରତିଫଳନ ଦ୍ୱାରା ଦେଶ-ଦେଶ ମଧ୍ୟରେ ସଂଘର୍ଷ ଉପୁଜି ପରିଶେଷରେ ଯୁଦ୍ଧରେ ପରିଣତ ହୋଇଥାଏ । ମାନବ ଜୀବନ ସଧାରଣତଃ ଦୁଇଟି ଶକ୍ତି ଯଥା- ଜୀବନୀଶକ୍ତି ଓ ମୃତ୍ୟୁଚେତନା । ଫ୍ରଏଡ ଆଇନଷ୍ଟାଇନଙ୍କ ସହ 'ଯୁଦ୍ଧ କାହିଁକି' ବୋଲି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରିଥିଲେ, ଯାହାକି ୧୯୩୨ ମସିହାରେ ''ଙଷଚ ଙବକ୍ସ'' ନାମରେ ଏକ ପ୍ରବନ୍ଧ ଭାବେ ପ୍ରକାଶିତ ହୋଇ ଖୁବ୍ ଲୋକପ୍ରିୟତା ଅର୍ଜନ କରିଥିଲା । ସେ କହନ୍ତି ଯେ, ଯୁଦ୍ଧ ସମୟରେ ବ୍ୟକ୍ତିବିଶେଷ ତାର ନୈତିକତା ବିବେକ ଭୁଲିଯାଇ ସାମୂହିକ ଉନ୍ମାଦନା, ଦଳ ମାନସିକତାରେ ଆଚ୍ଛନ୍ନ ହୋଇ ଉଗ୍ର ଜାତୀୟତାର ଦ୍ୱାହ ଦେଇ ନିଶାସକ୍ତ ହେବା ପରି ହିଂସାତ୍ମକ କାର୍ଯ୍ୟରେ ଲିପ୍ତରହି ଏହାକୁ ଦେଶଭକ୍ତିର ଆଖ୍ୟା ଦେଇଥାଏ । ଫ୍ରଏଡ କହନ୍ତି ଯେ, କୌଣସି ଅନ୍ତର୍ଜାତୀୟ ସ୍ୱୀକୃତିପ୍ରାପ୍ତ କ୍ଷମତାସମ୍ପନ୍ନ ସଂସ୍ଥା ଯୁଦ୍ଧମନସ୍କତା ନିୟନ୍ତ୍ରଣ କରିବାରେ ସମର୍ଥ ହୋଇପାରିବ ନାହିଁ, ଯେପରିକି 'ଲିଗ୍ ଅଫ୍ ନେସନ୍ସ' ଏବଂ 'ୟୁଏନଓ' ନିଜ ଲକ୍ଷ୍ୟ ହାସଲ କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇ ନିରବଦ୍ରଷ୍ଟା ସାଜିଛନ୍ତି । ତାଙ୍କ ମତରେ ଇରସ(ରକ୍ସ୍ଟଙ୍କ୍ସ୍ଟ) କୁ ଥାନାଟସ (ଞ୍ଜଷବଭବଙ୍ଖକ୍ଷ୍ଟ) ବିରୋଧରେ ବହୁଳ ଭାବେ ବ୍ୟବହାର କରିବା ପାଇଁ ସମାଜରେ ସଚେତନତା ସୃଷ୍ଟି କଲେ ଯୁଦ୍ଧ ମନସ୍କତାକୁ ନିୟନ୍ତ୍ରଣ କରିବା ସମ୍ଭବପର ହେବ । କାର୍ଲ ୟୁଙ୍ଗଙ୍କ ମତରେ, କେତେକ ଅସମାହିତ ସଂଘର୍ଷର ପ୍ରତିଫଳନ ଯୁଦ୍ଧ ମାଧ୍ୟମରେ ହୋଇଥାଏ । ବ୍ୟକ୍ତିମାନେ ନିଜ ନିଜର ନୈତିକ ବିଚାର ଓ ବିବେକର ସ୍ୱରକୁ ଏଡ଼ାଇଯାଇ ଏକ ସାମୂହିକ ଅବଚେତନ ଶକ୍ତି ପ୍ରଭାବରେ ବର୍ବରତା ଓ ଗଣହିଂସାରେ ଲିପ୍ତ ହୋଇଥାନ୍ତି । ଫ୍ରେଡେରିକ ନିଚ୍ଛେ କହନ୍ତି- ଯୁଦ୍ଧ ସମାଜକୁ ବିପଥଗାମୀ ଓ ଅଧୋପତନମୁଖୀ କରାଇଥାଏ । ଏହି ଯୁଦ୍ଧମନସ୍କତା ଉଗ୍ରଜାତୀୟତା ନାମରେ ବ୍ୟକ୍ତିମାନଙ୍କ ମଧ୍ୟରେ ସାମୂହିକ ଉତେଜନା, ପାଶବିକ ଉନ୍ମାଦନା, ଅନ୍ଧ ଅନୁକରଣ ଭାବନା ସୃଷ୍ଟି କରି ହିଂସାତ୍ମକ କାର୍ଯ୍ୟରେ ଜଡ଼ିତ ହେବାପାଇଁ ପ୍ରରୋଚିତ କରିଥାଏ । ଇମାନୁଏଲ କାଣ୍ଟ କହନ୍ତି- ପରସ୍ପର ମଧ୍ୟରେ ସମସ୍ୟା ସମାଧାନର ସମସ୍ତ ବିକଳ୍ପ ପ୍ରୟୋଗ କରି ବିଫଳ ହେବା ପରେ ଯୁଦ୍ଧକୁ ଶେଷ ବିକଳ୍ପ ଭାବେ ଉପଯୋଗ ଜ୍ଞାନର ସଂଚୟ ଜୀ ବନକୁ ସୁଚାରୁ ରୂପରେ ଚଳେଇବା ପାଇଁ ଲୋକମାନେ ନାନା ପ୍ରକାରର ମଧ୍ୟ ସୂଚକ ଅଟେ ଯେ, ଆମେ ଅମୂଲ୍ୟ କଥାକୁ ଧାରଣ କରିବାର ଯୋଗ ଏବେ ରଖନ୍ତ ନାହିଁ । ଜ୍ଞାନ ପ୍ରାପ୍ତିର କୌଣସି ବୟସ ସୀମା ନଥାଏ । ଏହାର ଆଦାନ ପ୍ରଦାନ ଅନ୍ତ ସମୟ ପର୍ଯ୍ୟନ୍ତ ସମ୍ଭବ । ରାବଣ ମଧ୍ୟ ମରିବା ସମୟରେ ଲକ୍ଷ୍ମଣଙ୍କୁ ଜ୍ଞାନରେ ସମୃଦ୍ଧ କରିଥିଲେ । ଭୀଷ୍ମ ପିତାମହ ମଧ୍ୟ ମୃତ୍ୟୁଶଯ୍ୟା ଉପରେ ନିଜର ପ୍ରିୟଜନଙ୍କୁ ଜୀବନର କିଛି ଉପଯୋଗୀ ସୂତ୍ର ଦେଇଥିଲେ । ଯେତେବେଳେ କାହାଠୁ କିଛି ଜ୍ଞାନ ଶ୍ରବଣ କରିବାକୁ ହୋଇଥାଏ ସେଥିରେ କୃତଜ୍ଞତାର ଭାବ ନିଶ୍ଚିତ ରହିବା ଜରୁରି । ସେତେବେଳେ କିଏ ନିଜର ସମୟ ଆଉ ଉର୍ଜାରେ ଆପଣଙ୍କୁ ମାର୍ଗଦର୍ଶନ କରାଉଥିବ । ଜ୍ଞାନ ହିଁ ଆପଣଙ୍କ ସବୁ ସମସ୍ୟାର ଚାବି ଅଟେ । ତେଣିକି ଯେତେ କଠିନ ପରିସ୍ଥିତି ଆପଣଙ୍କର ସାମନାରେ ହେଉ, ଜ୍ଞାନ ଅନୁଭୂତିର ଭାବ ବ୍ୟକ୍ତିକୁ ଠିକ୍ ମାର୍ଗରେ ବିଚଳିତ ହେବାକୁ ଦିଏନି । ସମୟ ସହିତ ବଢ଼ୁଥିବା ଅନୁଭବ ମଧ୍ୟ ଜ୍ଞାନର ଧାରାକୁ ଆହୁରି ପ୍ରଖର ବନେଇଥାଏ । ଯାହା ଜୀବନର ନୌକାକୁ ଆଗକୁ ବଢ଼େଇବାରେ ସହାୟକ ହୋଇଥାଏ । ଭୌତିକ ସଂସାଧନ ସଂଚୟ କରିଥାନ୍ତି । ଯଦ୍ୟପି ଏହି ବସ୍ତୁ ଉପରେ ଗୋଟିଏ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ସଂଚୟ ମଧ୍ୟ ସେତିକି ଆବଶ୍ୟକ ହୋଇଥାଏ ଆଉ ତାହା ହେଲା ଜ୍ଞାନର ସଂଚୟ । ଧନର ସଂଚୟ ଆପଣଙ୍କୁ ଅଭିମାନ, ବସ୍ତୁର ସଂଚୟ ଆପଣଙ୍କୁ ଲୋଭୀ ବନେଇ ଦିଏ । କିନ୍ତୁ ଜ୍ଞାନର ସଂଚୟ ଆପଣଙ୍କୁ ଏହି ଦୁର୍ଗୁଣରୁ ସର୍ବଦା ଦୂରରେ ରଖିଥାଏ । ଜ୍ଞାନଚକ୍ଷୁ ସର୍ବଦା ଖୋଲା ରହୁ, ସେଥିପାଇଁ ଆବଶ୍ୟକ ଆମେ ଜ୍ଞାନରୂପୀ ସାଗରରେ ସର୍ବଦା ପହଁରିବା । ଯେଉଁଠି ଜ୍ଞାନର ସମାଗମ ହେବ ସେଠାରେ କେବଳ ଏହାର ଶ୍ରବଣ ହିଁ କରିବନି, ଅପିତୁ ଏହାକୁ ନିଜର ଅନ୍ତଃକରଣରେ ଆତ୍ମସାତ୍ କରିବାକୁ ହେବ । ସମୟ ସହିତ ଭୌତିକ ସଂସାଧନ ତ ନଷ୍ଟ ହୋଇପାରେ, କିନ୍ତୁ ଅର୍ଜିତ ଜ୍ଞାନକୁ କେହି ଆପଣଙ୍କ ଠାରୁ ଛଡ଼େଇ ନେଇପାରିବେନି । ଜ୍ଞାନାର୍ଜନ ସହିତ ଏହା ମଧ୍ୟ ସ୍ମରଣ ରହୁ କି, ଆମ ଭିତରର ଅଭିମାନ ଯୋଗ ନହେଉ । କାହିଁକି, ଜ୍ଞାନ ଯେତେବେଳେ ଅଭିମାନର ଜାମା ପିନ୍ଧିନିଏ, ତାହେଲେ ଆମର ସେହି ସଂଚୟର କ୍ଷୟ ହେବାକୁ ଲାଗେ । ଜ୍ଞାନର ସଂଚୟ-କ୍ଷୟ ହେବା ଏହି କଥାର – ମନୋଜ କୁମାର ବେହେରା, ମୋ: ୭୯୭୮୩୦୬୧୧ କରିବା ଉଚିତ, ପ୍ରଥମ ବିକଳ୍ପ ଭାବେ ଆଦୌ ନୁହେଁ । ଏବେ ସର୍ବଜନାଦୃତ ପୁରାଣ ମହାଭାରତ କଥା ଦେଖନ୍ତୁ । ମହାକାବ୍ୟ ମହାଭାରତ ପୌରାଣିକ ଓ ଐତିହାସିକ ତଥ୍ୟ ଉପରେ ପର୍ଯ୍ୟବେସିତ ହୋଇଥିଲେ ମଧ୍ୟ ଏଥିରୁ ଅନେକ ଶିକ୍ଷଣୀୟ କଥାବସ୍ତୁ ମିଳିଥାଏ । ମହାଭାରତରେ ଭଗବାନ ଶ୍ରୀକୃଷ୍ଣ ମଧ୍ୟ ସାମ, ଦାନ, ଭେଦ ନୀତି ଆପଣେଇ ପାଣ୍ଡବ କୌରବ ବିବାଦ ସମାଧାନ କରିବାକୁ ପ୍ରୟାସ କରି ବିଫଳ ହେବା ପରେ ଯୁଦ୍ଧକୁ ଅନ୍ତିମ ବିକଳ୍ପ ଭାବେ ଗ୍ରହଣ କରିବାକୁ ବାଧ୍ୟ ହୋଇ, ଏହା ମାଧ୍ୟମରେ କୌରବମାନଙ୍କ ପାଇଁ ଦଣ୍ଡ ବିଧାନ କରିଥିଲେ । ଶ୍ରୀକୃଷ୍ଣ ପ୍ରଥମେ ପାଣ୍ଡବମାନଙ୍କୁ ସେମାନଙ୍କ ରାଜ୍ୟରେ ନ୍ୟାଯ୍ୟ ପ୍ରାପ୍ୟ ଦେଇ ସମସ୍ୟାର ଆପୋସ ସମାଧାନ କରିବାକୁ ମହାରାଜ ଧୃତରାଷ୍ଟ୍ରଙ୍କୁ ଦେଇଥିବା ପ୍ରସ୍ତାବ ଶକୁନିଙ୍କ ପ୍ରରୋଚନାରେ ଦୁର୍ଯ୍ୟୋଧନଙ୍କ ଦ୍ୱାରା ପ୍ରତ୍ୟାଖ୍ୟାତ ହେବା ପରେ ମାତ୍ର ପାଚଂଖଣ୍ଡ ପଡ଼ା ପାଣ୍ଡବମାନଙ୍କୁ ଦାନ ଦେବାପାଇଁ ଶ୍ରୀକୃଷ୍ଣ ଅନୁରୋଧ କରିଥିଲେ । ସେ ପ୍ରସ୍ତାବକୁ ମଧ୍ୟ ଦୁର୍ଯ୍ୟୋଧନ ପ୍ରତ୍ୟାଖ୍ୟାନ କଲାବେଳେ ଧୃତରାଷ୍ଟ୍ର ନିରବ ସମର୍ଥନ ଦେଇଥିଲେ। ଶ୍ରୀକୃଷ୍ଣ ଗୁପ୍ତରେ କର୍ଣ୍ଣଙ୍କ ନିକଟକୁ ଯାଇ ତାଙ୍କ ଜନ୍ମ ବୃତାନ୍ତ ବର୍ଣ୍ଣନା କରି ସେ ସୁତ ପୁତ୍ର ନୁହେଁ, ଜ୍ୟେଷ୍ଠ ପାଣ୍ଡବ ଅଟନ୍ତି ଓ ସେ ପାଣ୍ଡବମାନଙ୍କ ପକ୍ଷରେ ରହିବା ଉଚିତ କହିବାରେ କର୍ଣ୍ଣ ପ୍ରସ୍ତାବକୁ ଅସ୍ୱୀକାର କରି ଦୁର୍ଯ୍ୟୋଧନ ପ୍ରତି ନିଜ ଆନୁଗତ୍ୟ ଦୋହରାଇଥିଲେ । ଶେଷ ବିକଳ୍ପ ଭାବେ ଯୁଦ୍ଧକୁ ଗ୍ରହଣ କରିବା ବ୍ୟତୀତ ଶ୍ରୀକୃଷ୍ଣଙ୍କ ନିକଟରେ ଅନ୍ୟ କୌଣସି ଉପାୟ ନଥିଲା । ଆମେ ସମସ୍ତେ ଉଣାଅଧିକେ ଯୁଦ୍ଧର ଭୟାବହ ପରିଣାମ ସମ୍ପର୍କରେ ଅବଗତ ଥାଇ ମଧ୍ୟ ଯୁଦ୍ଧମନସ୍କ ରହୁଛୁ, ଏହି ମନୋଭାବକୁ କିପରି ଏଡ଼ାଇ ହେବ, ଏହାର ସମ୍ଭାବ୍ୟ ନିରାକରଣ ଉପରେ କିଂଚିତ ଆଲୋକପାତ କରିବା ପ୍ରାସଙ୍ଗିକ ମନେହୁଏ । ସର୍ବପ୍ରଥମେ ବ୍ୟକ୍ତିବିଶେଷଙ୍କ ମନରେ ଏକ ଭୟ, ସନ୍ଦେହ ଓ ଆଶଙ୍କାମୁକ୍ତ ଶୁଦ୍ଧ ଭାବନା ଜାଗ୍ରତ ହେବା ଆବଶ୍ୟକ । ସେମାନେ କୌଣସି ଚାଂଚଲ୍ୟକର, ଭୀତିପ୍ରଦ ଘଟଣାବଳୀଠାରୁ ଦୂରେଇ ରହିବା ବାଞ୍ଛନୀୟ ଅଟେ । ବ୍ୟକ୍ତିବିଶେଷ ଉଦାରମନା, ସମ୍ବେଦନଶୀଳ, ସହାନୁଭୂତିଶୀଳ, ସମାନୁଭୂତିସମ୍ପନ୍ନ ହେବା ଆବଶ୍ୟକ । 'ଆମ୍ଭେ' ଓ 'ସେମାନେ' ମନୋଭାବ ପରିହାର କରି ମହାଉପନିଷଦ ବାଣୀ 'ବସୁଧୈବ କୁଟୁମ୍ବକମ୍' (ବିଶ୍ୱ ପରିବାର) ଆଦର୍ଶରେ ପରିଚାଳିତ ହେବା ବିଧେୟ। ନିଜ ମଧ୍ୟରୁ ଅହଂଭାବ ପରିହାର କରି ଦୟା, କରୁଣା, ଅନୁକମ୍ପା ଭାବ ପୋଷଣ କରିବା ବାଞ୍ଛନୀୟ । ପ୍ରତ୍ୟେକ ମଣିଷ ଭିତରେ ପରମାତ୍ମାଙ୍କ ଅଂଶ ଜୀବାତ୍ମା ବିଦ୍ୟମାନ ଥିବାରୁ କାହାକୁ ହେୟଜ୍ଞାନ ନକରି ସମସ୍ତଙ୍କୁ ଉପଯୁକ୍ତ ସମ୍ମାନ ପ୍ରଦର୍ଶନ କରିବା ଉଚିତ । ଉଗ୍ରତା, ଆତ୍ମବଡ଼ିମା ଓ ଅହଂକାର ପରିହାର କରି ସହନଶୀଳତା, ଧୈର୍ଯ୍ୟ ଓ କ୍ଷମା ଗୁଣ ଆହରଣ କରିବା ଆବଶ୍ୟକ । ଉପରୋକ୍ତ ବିନ୍ଦୁଗୁଡ଼ିକ ଉପରେ ବିଶ୍ୱବାସୀ ଧ୍ୟାନ କେନ୍ଦ୍ରୀଭୂତ କଲେ ସମ୍ପ୍ରତି ଚାଲୁରହିଥିବା ରୁଷ-ୟୁକ୍ରେନ, ଆମେରିକା-ଇରାନ ଯୁଦ୍ଧର ପରିସମାପ୍ତି ସହ ତୃତୀୟ ବିଶ୍ୱଯୁଦ୍ଧର ଆଶଙ୍କାକୁ ମଧ୍ୟ ଏଡ଼ାଇ ଦେଇହେବ । ବିଶ୍ୱକଲ୍ୟାଣ ପରିପ୍ରେକ୍ଷୀରେ ସାମ୍ପ୍ରତିକ ଯୁଦ୍ଧର ପରିସମାପ୍ତି ନିତାନ୍ତ ଆବଶ୍ୟକ । ଏବେ ସର୍ବଜନାଦୃତ ପୁରାଣ ମହାଭାରତ କଥା ଦେଖନ୍ତୁ । ମହାକାବ୍ୟ ମହାଭାରତ ପୌରାଣିକ ଓ ଐତିହାସିକ ତଥ୍ୟ ଉପରେ ପର୍ଯ୍ୟବେସିତ ହୋଇଥିଲେ ମଧ୍ୟ ଏଥିରୁ ଅନେକ ଶିକ୍ଷଣୀୟ କଥାବସ୍ତୁ ମିଳିଥାଏ ।

# ରାମଙ୍କ ଜନ୍ମ

ଧର୍ମ, ଅର୍ଥ, କାମ, ମୋକ୍ଷ ଏଇ ଚତୁର୍ବର୍ଗ ସୁଫଳ ପାଇବା ପାଇଁ ଲବକୁଶ ରାମାୟଣ ଗାନ କରିବାକୁ ଲାଗିଲେ। ସେମାନେ ପ୍ରଥମରୁ ଆରମ୍ଭ କଲାବେଳେ ଜାଣିଲେ ଯେ ଇକ୍ଷ୍ୱାକୁ ବଂଶରେ ସଗର ରାଜା ଜନ୍ମିଥିଲେ। ସରଯୂ କୂଳରେ କୋଶଳ ନାମରେ ଗୋଟିଏ ସମୃଦ୍ଧଶାଳୀ ରାଜ୍ୟ ଥିଲା। ଅଯୋଧ୍ୟା ସେଇ ରାଜ୍ୟର ରାଜଧାନୀ। ଅଯୋଧ୍ୟାର ସୁଦୃଶ୍ୟ ଅଟ୍ଟାଳିକା, ରାଜମାର୍ଗ, ପ୍ରାକୃତିକ ଶୋଭା ଅନନ୍ୟ ଥିଲା। ଅଯୋଧ୍ୟାର ପ୍ରିୟ ରାଜା ମହାରାଜା ଦଶରଥ ଶାସ୍ତ୍ରଜ୍ଞ, ଧର୍ମ ପରାୟଣ, ଶାସ୍ତ୍ର, ନିର୍ଲୋଭି ଓ ସତ୍ୟବାଦୀ ଥିଲେ। ଦଶରଥ ଅନେକ ଦିନ ଅପୁତ୍ରକ ଥିବାରୁ ସେ ପୁତ୍ରକାମନା କରୁଥିଲେ। ତାଙ୍କ ରାଜ୍ୟସଭାରେ ବଶିଷ୍ଠ, ବିଶ୍ୱାମିତ୍ର, ବାମଦେବ, ଜାବାଳି ପ୍ରଭୃତି ଧର୍ମଜ୍ଞ, ସତ୍ୟବାଦୀ, ନିର୍ଭୀକ, ମତିମାନ, ସତ୍ୟଦ୍ରଷ୍ଟା, ନିର୍ଲୋଭମାନେ ମନ୍ତ୍ରୀ ଥିଲେ। ରାଜ୍ୟସଭା ଆଦୃତ ହେଲା ଏବଂ ସୁମନ୍ତ ଦଶରଥଙ୍କୁ ଏକାନ୍ତରେ କହିଲେ ଯେ ମୁଁ ସନତ କୁମାରଙ୍କ ଠାରୁ ଏଇ କଥା ଶୁଣିଛି, କାଶ୍ୟପ ତନୟ ବିଭାଣ୍ଡକ ମୁନିଙ୍କର ଏକ ପୁତ୍ର ଥିଲେ। ସେ ଋଷ୍ୟଶୃଙ୍ଗ ନାମରେ ବିଖ୍ୟାତ। ଏକଦା ଭୟଙ୍କର ଦୁର୍ଭିକ୍ଷ ପଡ଼ିବାରୁ ସେଇ ଦେଶର ରାଜା ଲୋମପାଦ କୌଶଳ କରି ଋଷ୍ୟଶୃଙ୍ଗଙ୍କୁ ନିଜ ରାଜା ଦଶରଥଙ୍କ ପୁତ୍ର କାମନା କିପରି ପୂର୍ଣ୍ଣ ହେବ ଏଇ କଥା କହିଥିଲେ। ଦଶରଥଙ୍କ ପୁତ୍ର କାମନା କିପରି ପୂର୍ଣ୍ଣ ହେବ ଋଷ୍ୟଶୃଙ୍ଗ କହିପାରିବେ। ଲୋମପାଦ କାହିଁକି ଋଷ୍ୟଶୃଙ୍ଗଙ୍କୁ ଆଣିଥିଲେ ତାହା ଜାଣିବାକୁ ଚାହିଁବାରୁ ସନକ କହିଲେ ଯେ ଋଷ୍ୟଶୃଙ୍ଗ ସର୍ବଦା ବନରେ ରହୁଥିଲେ। ସେଇ ଅଗମ୍ୟ ବନରେ ତପସ୍ୟା ଓ ବେଦାଧ୍ୟୟନ କରୁଥିଲେ। ତାପରେ ତାଙ୍କୁ ଶୀଘ୍ର ଅଯୋଧ୍ୟା ଆଣିବା ଗଣିକାମାନଙ୍କୁ ନିଯୁକ୍ତ କରିବା ପାଇଁ ରାଜା ନିଷ୍ପତ୍ତି କଲେ। ଋଷ୍ୟଶୃଙ୍ଗ ପିତାଙ୍କ ଉପରେ ସନ୍ତୁଷ୍ଟ ଥିଲେ। ସେ ବାହାରକୁ ନଯାଇ କେବଳ ଆଶ୍ରମରେ ରହୁଥିଲେ। ଦିନେ ସେ ବୁଲିବାକୁ ଯାଇଥିବାବେଳେ ବିଚିତ୍ରା ବେଶ୍ୟା ନାରୀ ମାନଙ୍କୁ ଦେଖିଲେ। ସେ କାହିଁକି ଏକାକୀ ବନରେ ଅଛନ୍ତି ଏହା ଗଣିକାମାନେ ଜାଣିବାକୁ ଚାହିଁବାରୁ ଋଷ୍ୟଶୃଙ୍ଗ ମୁଗ୍ଧ ହୋଇ କହିଲେ ମୋ ପିତା ବିଭାଣ୍ଡକ। ମୁଁ ତାଙ୍କର ପୁତ୍ର। ତୁମ୍ଭେମାନେ ନିକଟର ଆଶ୍ରମକୁ ଗଲେ ସେଠାରେ ସମସ୍ତଙ୍କୁ ଯଥାବିଧି ସତ୍କାର କରିବେ। ଆଶ୍ରମରେ ସେମାନେ ଋଷ୍ୟଶୃଙ୍ଗଙ୍କ ସତ୍କାର ଗ୍ରହଣ କଲେ। ଗଣିକାମାନେ ତାଙ୍କୁ ଆଲିଙ୍ଗନ କରି ଓ ବିବିଧ ଖାଦ୍ୟ ଦେଇ ବଶୀଭୂତ କରିଦେଲେ। ସେମାନେ ଚାଲିଯିବା ପରେ ଋଷ୍ୟଶୃଙ୍ଗ ବିରହ ଜ୍ୱାଳାରେ କାତର ହେଲେ। ଋଷ୍ୟଶୃଙ୍ଗ ଅଙ୍ଗ ରାଜ୍ୟକୁ ଆସିବା ପରେ ସେଠାରେ ପ୍ରବଳ ବର୍ଷା ହେଲା ଏବଂ ଋଷ୍ୟଶୃଙ୍ଗ ମଧ୍ୟ ସେହି ଦେଶର ରାଜକନ୍ୟାଙ୍କୁ ବିବାହ କଲେ। ଅଙ୍ଗରାଜ ଲୋମପାଦ ଦଶରଥଙ୍କ ବନ୍ଧୁଥିଲେ। ସେ ସୁମନ୍ତ କଥିତ ଋଷ୍ୟଶୃଙ୍ଗ ଇତିହାସ ବଶିଷ୍ଠଙ୍କୁ ଜଣାଇଲେ। ସେଠରେ କିଛି ଦିନ ବାସ କରିବା ପରେ ଦଶରଥ ଲୋମପାଦଙ୍କୁ ପୁତ୍ର କାମନା ପାଇଁ ଯଜ୍ଞାନୁଷ୍ଠାନ କରିବା ପ୍ରସଙ୍ଗ କହିଲେ ଏବଂ ଋଷ୍ୟଶୃଙ୍ଗଙ୍କୁ ସେଥିରେ ଯୋଗ ଦେବା ପାଇଁ ଅନୁରୋଧ କଲେ। ତାଙ୍କ ଅନୁରୋଧ ରକ୍ଷା କରି ଜାମାତା ଋଷ୍ୟଶୃଙ୍ଗଙ୍କୁ ଅଯୋଧ୍ୟା ପଠାଇବା ପାଇଁ ବ୍ୟବସ୍ଥା କଲେ। ସେ ଅଯୋଧ୍ୟା ଆସିବା ପରେ ତାଙ୍କୁ ବଶିଷ୍ଠ, ବାମଦେବ ପ୍ରଭୃତି ଋତ୍ୱିକ ବ୍ରାହ୍ମଣମାନଙ୍କୁ ଯଜ୍ଞର ସଂକଳ୍ପ ଜଣାଇଲେ ଏବଂ ଯଜ୍ଞର ଆୟୋଜନ କରିବା ପାଇଁ ବ୍ୟବସ୍ଥା କରାଗଲା ଏବଂ ଋଷ୍ୟଶୃଙ୍ଗଙ୍କୁ ଯଜ୍ଞ କରିବା ପାଇଁ ଅନୁରୋଧ କଲେ। ଦଶରଥଙ୍କୁ ଯଥାବିଧି ଯତ୍ନ କରି ସକଳ ବର୍ଣ୍ଣର ଲୋକଙ୍କୁ ଉପଯୁକ୍ତ ମର୍ଯ୍ୟାଦା ଦେଲେ। ଦିନେ ରାଜା ଯଜ୍ଞ ଭୂମିକୁ ଯାଇ ପତ୍ନୀଗଣଙ୍କ ସହିତ ଯଜ୍ଞ ଦୀକ୍ଷିତ ହେଲେ। ଅଶ୍ୱମେଧ ଯଜ୍ଞ ବର୍ଷକ ପୂର୍ବରୁ ଛାଡ଼ିଥିବା ଅଶ୍ୱ ବର୍ଷକ ପରେ ଫେରି ଆସିଲା। ଋଷ୍ୟଶୃଙ୍ଗଙ୍କୁ ପୁରୋହିତ କରି ବଶିଷ୍ଠାଦି ଋଷିଗଣ ଯଜ୍ଞ କର୍ମ ଆରମ୍ଭ କଲେ। ଯଜ୍ଞ ସ୍ଥଳରେ କାଷ୍ଠ ନିର୍ମିତ, ବସ୍ତ୍ର ଓ ସ୍ୱର୍ଣ୍ଣାଳଙ୍କାରେ ଭୂଷିତ ଗୋଟିଏ ଯୂପ କାଠ ଥିଲା। ବ୍ରାହ୍ମଣମାନଙ୍କ ଦ୍ୱାରା ଇଟା ଲଗାଇ କୁଣ୍ଡ ନିର୍ମାଣ କରି ସେଥିରେ ସ୍ୱର୍ଣ୍ଣପକ୍ଷ ଗୁରୁଡ଼ାକାର ଅଗ୍ନି ସ୍ଥାପନ କରାଗଲା। ଦେବତାମାନଙ୍କ ଉଦ୍ଦେଶ୍ୟରେ ପଶୁ, ପକ୍ଷୀ ଓ ଅଶ୍ୱ ସଂଗୃହୀତ କରାଯାଇଥିଲା। ସେ ସବୁକୁ ଋଷିଗଣ ଶାସ୍ତ୍ର ଅନୁସାରେ ବଧ କଲେ। ଯଜ୍ଞ ହୋଇଥିବା ଅଶ୍ୱକୁ କୌଶଲ୍ୟା ପରମ ଆନନ୍ଦରେ ତିନିଥର ଖଡ୍ଗ ଦ୍ୱାରା ହାଣି ବଧ କଲେ। ତା'ପରେ ସେ ଧର୍ମକାମନା କରି ସେଇ ଅଶ୍ୱ ସହିତ ଗୋଟିଏ ରାତି ଅତିବାହିତ କଲେ। ଶ୍ରୌତକର୍ମରେ ନିପୁଣ ଋତ୍ୱିକ ସେଇ ଅଶ୍ୱର ଶରୀରକୁ ନେଇ ଯଥାସାଧ ହୋମ କଲେ ଏବଂ ସେଇ ଅଗ୍ନିର ଧୂଆଁ ଦଶରଥ ଆଘ୍ରାଣ କଲେ। ରାଜା ଯାଜକ ଓ ବ୍ରାହ୍ମଣ ମାନଙ୍କୁ ପ୍ରଚୁର ଦକ୍ଷିଣା ପ୍ରଦାନ କଲେ। ଏହାପରେ ଋଷ୍ୟଶୃଙ୍ଗ ମନ୍ତ୍ର ଦ୍ୱାରା ଯଥାବିଧି ପୁତ୍ରେଷ୍ଟି ଯଜ୍ଞ ଆରମ୍ଭ କଲେ। ପୁତ୍ର କାମନାରେ ଏଇ ଯଜ୍ଞ କରାଯାଏ। ଏଇ ସମୟରେ ଦେବଗଣ ବ୍ରହ୍ମାଙ୍କ ପାଖକୁ ଯାଇ କହିଲେ - ରାକ୍ଷସ ରାବଣ ଆପଣଙ୍କ ବର ପାଇ ଆମ୍ଭମାନଙ୍କୁ ପୀଡ଼ା ଦେଉଛି। ତାକୁ ନଷ୍ଟ କରିବା ପାଇଁ ଆଗେ ବ୍ୟବସ୍ଥା କରନ୍ତୁ। ବ୍ରହ୍ମା କହିଲେ - ରାବଣ ମୋ ପାଖରୁ ବର ମାଗିଥିଲା ଗନ୍ଧର୍ବ, ଯକ୍ଷ ଓ ରାକ୍ଷସ ହାତରେ ତା'ର ମୃତ୍ୟୁ ହେବନାହିଁ। ମୁଁ ମଧ୍ୟ ତାଙ୍କୁ ସେଇ ବର ଦେଇଥିଲି। ସେ ଅବଜ୍ଞା କରି ମଣିଷମାନଙ୍କ ନାମ ଉଚ୍ଚାରଣ କରିନଥିଲା। ତେଣୁ ସେଇ ମଣିଷ ହିଁ ତାଙ୍କୁ ବଧ କରିବ। ଏପରି ସମୟରେ ଶଙ୍ଖ, ଚକ୍ର, ଗଦା, ପଦ୍ମ ଧରି ଗରୁଡ଼ ବାହନ ଉପରେ ଆସି ସେଠାରେ ଭଗବାନ ବିଷ୍ଣୁ ଉପସ୍ଥିତ ହେଲେ। ଦେବତାମାନେ ତାଙ୍କୁ ସ୍ତୁତି କଲେ ଏବଂ କହିଲେ - ଆମେ ଆପଣଙ୍କୁ ଗୋଟିଏ ଦାୟିତ୍ୱ ଦେବୁ। ଅଯୋଧ୍ୟାପତି ଦଶରଥଙ୍କ ତିନିରାଣୀ ଅଛନ୍ତି, ଆପଣ ତାଙ୍କର ଔରସରୁ ଜନ୍ମଗ୍ରହଣ କରି ଦୁଷ୍ଟ ରାବଣକୁ ବଧ କରନ୍ତୁ। ସେ ସମସ୍ତଙ୍କ ଉପରେ ଅତ୍ୟାଚାର କରୁଛି। ଏଣୁ ତା'ର ନିଧନ ପାଇଁ ଆମେ ଆପଣଙ୍କୁ ନିବେଦନ କରୁଛୁ। ଏହା ଶୁଣି ବିଷ୍ଣୁ କହିଲେ ତୁମେ ଭୟ କରନା, ମୁଁ ରାବଣକୁ ସବଂଶେ ସଂହାର କରିବି। ଏହି ସ୍ତୁତି ସମୟରେ ଯଜ୍ଞରୁ ଏକ ଅଭୂତପୂର୍ବ ପ୍ରଭାନ୍ୱିତ, ମହାବୀର୍ଯ୍ୟ, ମହାପ୍ରାଣୀ ଆବିର୍ଭୁତ ହେଲେ, ସେ କୃଷ୍ଣକାୟ ରକ୍ତାମ୍ବରଧାରୀ। ମୁହଁ ରକ୍ତବର୍ଣ୍ଣ କଣ୍ଠ ସ୍ୱର ଦୁନ୍ଦୁଭିତୁଲ୍ୟ। ସେ ଶୁଭ ଲକ୍ଷଣ ସମ୍ପନ୍ନ ଦିବ୍ୟ ଆଭରଣରେ ଶୋଭିତ ପର୍ବତ ପରି ଉନ୍ନତ ଶରୀର। ତାଙ୍କ ଆକାର ଦିବାକରଙ୍କ ଦୀପ୍ତ, ଅନଳ ଶିଖା ପରି। ତାଙ୍କ ହାତରେ ତପ୍ତ କା ଂନ ଗଠିତ ପାତ୍ରରେ ପାୟସ ପରିପୂର୍ଣ୍ଣ ଏକ ବୃହତ୍ ପାତ୍ର। ଯଜ୍ଞାଗ୍ନି ଭିତରୁ ଉଠୁଥିବା ଦେବତା ଦଶରଥଙ୍କୁ କହିଲେ - ମୁଁ ପ୍ରଜାପତିଙ୍କ ଦ୍ୱାରା ପ୍ରେରିତ ପୁରୁଷ। ମହାରାଜ ! ଏଇ ଦେବ ନିର୍ମିତ ସନ୍ତାନଦାୟକ ପାୟସ ଆପଣଙ୍କର ପତ୍ନୀମାନଙ୍କ ମଧ୍ୟରେ ବାଣ୍ଟି ଖାଇବାକୁ ଦିଅନ୍ତୁ। ଦଶରଥ ସେଇ ଦେବ ନିର୍ମିତ ସନ୍ତାନଦାୟକ ପାୟସ ପାତ୍ର ଗ୍ରହଣ କରି ମସ୍ତକରେ ଛୁଇଁଲେ। ତା'ପରେ ଅନ୍ତଃପୁରକୁ ଯାଇ ପାୟସର ଅର୍ଦ୍ଧାଂଶ କୌଶାଲ୍ୟଙ୍କୁ ଦେଲେ। ଅବଶିଷ୍ଟ ଅର୍ଦ୍ଧାଂଶରୁ ଅର୍ଦ୍ଧାଂଶ ସୁମିତ୍ରାଙ୍କୁ

# ବିଭାଜନ ବିଭୀଷିକା ସ୍ମୃତି ଦିବସରେ ଯୋଗ ଦେଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର : ସ୍ୱାଧୀନତା ଦିବସର ପୂର୍ବସନ୍ଧ୍ୟାରେ ଶୁକ୍ରବାର ଲୋକସେବା ଭବନସ୍ଥିତ କନ୍‌ଭେନ୍‌ସନ୍ ସେଂଟରଠାରେ ଆୟୋଜିତ 'ବିଭାଜନ ବିଭୀଷିକା ସ୍ମୃତି ଦିବସ' କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦେଶ ବିଭାଜନର କଳା ଅଧ୍ୟାୟ, ଅମାନୁଷିକ ଯନ୍ତ୍ରଣା ଏବଂ ଏହାର ଭୟାବହ ବାସ୍ତବତାକୁ ସ୍ମରଣ କରିଛନ୍ତି। ବିଭାଜନ ବିଭୀଷିକା ସ୍ମୃତି ଦିବସ କେବଳ ଅତୀତର ଦୁଃଖଦ ଅଧ୍ୟାୟକୁ ସ୍ମରଣ କରିବାର ଦିନ ନୁହେଁ, ବରଂ ଆଜିର ଦିନରେ ଆମକୁ ଏହାକୁ ଦେଶର ଏକତା ଓ ଅଖଣ୍ଡତା ପାଇଁ 'ସଂକଳ୍ପ ଦିବସ' ଭାବେ ପାଳନ କରିବାକୁ ଶପଥ ନେବାକୁ ହେବ ବୋଲି ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ନିଜ ଅଭିଭାଷଣରେ ଦେଶ ବିଭାଜନର ଭୟାନକ ତଥ୍ୟ ଉପସ୍ଥାପନ କରି କହିଛନ୍ତି ଯେ, ୧୯୪୭ ମସିହାର ବିଭାଜନ କେବଳ ଦୁଇ ଦେଶର ସୀମାରେଖା ନିର୍ଦ୍ଧାରଣ ନ ଥିଲା, ଏହା ଥିଲା ମାନବ ସଭ୍ୟତାର ସବୁଠାରୁ ବଡ଼ ସ୍ଥାନାନ୍ତରଣ। ବିଭିନ୍ନ ସୂତ୍ରରୁ ମିଳିଥିବା ଆକଳନ ଅନୁଯାୟୀ, ପ୍ରାୟ ଦେଢ଼ କୋଟି ଲୋକ ନିଜର ଭିଟାମାଟି ଛାଡ଼ି ଦେଶାନ୍ତର ହୋଇଥିଲେ। ଏହି ସମୟରେ ଘଟିଥିବା ସାମ୍ପ୍ରଦାୟିକ ହିଂସାରେ ୫ ଲକ୍ଷରୁ ୨୦ ଲକ୍ଷ ନିରୀହ ଲୋକଙ୍କର ଜୀବନ ଯାଇଥିଲା ଏବଂ ୫୦ ହଜାରରୁ ଉର୍ଦ୍ଧ୍ୱ ମହିଳାଙ୍କୁ ଅପହରଣ, ଦୁଷ୍କର୍ମ ଓ ନିର୍ଯାତନାର ଶିକାର ହେବାକୁ ପଡ଼ିଥିଲା। ପାକିସ୍ତାନରୁ ଆସୁଥିବା 'ବ୍ଲଡ୍ ଟ୍ରେନ୍' ଓ 'ଘୋଷ୍ଟ ଟ୍ରେନ୍'ଗୁଡ଼ିକରେ କେବଳ ମୃତଦେହ ଭରି ରହିଥିଲା, ଯାହାର ପ୍ରଭାବ ଆଜି ବି ସେମାନଙ୍କ ବଂଶଧରଙ୍କ ମନରେ ରହିଛି।

Printed, Published,Edited and Ownedby Prakash Kumar Dhal,Printed at Das Offset Printers,Uditnagar,Main Road,Rourkela, Dist. Sundargarh, orissa -769012 & Published at QR.No. ECR-73,Chhend Colony,Rourkela -15, Dist. Sundergarh, Orissa. ସଂପାଦକ: ପ୍ରକାଶ କୁମାର ଧଳ
Mobile : 9439951525,Email: utkalsamachar@gmail.com / utkalsamachar@rediffmail.com (ଏହି ଅଙ୍କରେ ପ୍ରକାଶିତ ସମସ୍ତ ଖବରର ଚୟନ ଏବଂ ସଂପାଦନା ପାଇଁ ପି.ଆର.ବି. ଆକ୍ଟ ଅନ୍ତର୍ଗତ ଉତରଦାୟୀ ସମସ୍ତ ବିବାଦ ରାଉରକେଲା ନ୍ୟାୟପାଳିକାର ଅଧୀନରେ ହିଁ ହେବ ।) Phone: 0661-2646999 Editor : Prakash Kumar Dhal
CITY OFFICE: B/204, SECTOR-16, ROURKELA, Pin :769003







## ଉପାନ୍ତରେ ଏସ୍ଆଇଆର ଶୁଣାଣି ପ୍ରହସନ, ନାହାନ୍ତି ଅଧିକାରୀ, ଫେରୁଛନ୍ତି ଭୋଟର



କଟାଂମାଳ,୧୬/୮(ନି/ପ୍ର): ଓଡ଼ିଶାର ଉପାନ୍ତ ଅଚଂଳରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍ଆଇଆର) ଏକ ପ୍ରକାର ପ୍ରହସନ ପାଲଟଛି। ଦିଆଯାଉଥିବା ତାରିଖରେ ପ୍ରମୁଖ ଅଧିକାରୀମାନେ ଅନୁପସ୍ଥିତ ରହୁଥିବାରୁ ଭୋଟରଙ୍କ ଆପତ୍ତି ଅଭିଯୋଗର ସଠିକ ବିଚାର ହୋଇପାରୁନାହିଁ। ଫଳରେ ଅନେକ ଭୋଟର ନିରାଶ ହୋଇ ଫେରୁଥିବାଦେଖିବାକୁ ମିଳୁଛି। ରବିବାର ୧୨ ଟା ସମୟରେ ବୌଦ୍ଧଜିଲ୍ଲା କଟାଂମାଳ ବ୍ଲକ ଲୟସରୀ ପଚାଂୟତ କାର୍ଯ୍ୟାଳୟରେ ଏସ୍ଆଇଆର ସମ୍ପର୍କିତ ଶୁଣାଣି ଶିବିର ଥିଲା। କଟାଂମାଳ ବିଡିଓ ଅଭିଯୋଗ ଶୁଣାଣିର ଦାୟିତ୍ୱ ଅଧିକାରୀ ଥିଲେ। ସେ ଅନୁପସ୍ଥିତ ଥିବାରୁ ନୋଟିସ ପାଇ ହାଜର ହୋଇଥିବା ୫୦ରୁ ଉର୍ଦ୍ଧ୍ୱ ଭୋଟର ନିରାଶ ହୋଇ ଫେରିଥିଲେ। ଏସ୍ଆଇଆରରେ ଯେଉଁ ଭୋଟରଙ୍କ ତ୍ରୁଟି ରହିଛି ସେମାନଙ୍କୁ ନୋଟିସ୍ ଜାରି କରି ୯ତାରିଖ ଦିନ ଲୟସରି ପଚାଂୟତ ଅଫିସରେ ହାଜର ହେବାକୁ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ରହିଥିଲା । ତେଣୁ ମାର୍ଡଲ୍, ବରଗାଁ, ବେହେରାପଡା, ସେଲାମାଲ୍, ସାଙ୍କୋଚ୍, କାମୁଖୋଲ୍, ପିଣ୍ଡାପଦର ଓ ଅରଖପଦର ଆଦି ଗ୍ରାମର ୫୦ରୁ ଉର୍ଦ୍ଧ୍ୱ ଭୋଟର, କେତେକ ବିଏଲ୍ଓ ଓ ଅଙ୍ଗନବାଡିକର୍ମୀ ମାନେ ସକାଳ ୯ ଟାରୁ ମଧାହ୍ନ୍ଣ୧୨ ଟା ଯାଏଁ ଅପେକ୍ଷା କରିଥିଲେ। ହେଲେ ଦାୟିତ୍ୱରେ ଥିବା କୌଣସି ଅଧିକାରୀ ନ ଆସିବାରୁ ଦୂରଦୂରାନ୍ତରୁ ଆସିଥିବା ପୁରୁଷ ଓ ମହିଳା ଭୋଟର ନିରାଶ ହୋଇ ଘରକୁ ଫେରି ଯାଇଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଦାୟିତ୍ୱରେ ଥିବା କଟାଂମାଳ ବିଡିଓ ସାମି ଜୟଶ୍ରୀ ରେଡ୍ଡୀଙ୍କୁ ପଚାରିବାରୁ କହିଛନ୍ତି, ସେ ଦାୟିତ୍ୱରେ ନଥିଲେ, ଯିଏ ଦାୟିତ୍ୱରେ ଥିଲେ ତାଙ୍କ ଦେହ ଖରାପ ହେବାରୁ ଯାଇ ନାହାନ୍ତି। ଆଜି (ସୋମବାର) ଯାଇଛନ୍ତି ବୋଲି କହିଛନ୍ତି କ୍ଷ ଅନ୍ୟ ପକ୍ଷରେ ଜିଲ୍ଲା ନିର୍ବାଚନ ଅଧିକାରୀଙ୍କୁ ପଚାରିବାରୁ ଏହାର ଦାୟିତ୍ୱରେ ଥିବା ବିଡିଓ କଟାଂମାଳ ଜନ ଶୁଣାଣିକୁ କାହିଁକି ଗଲେ ନାହିଁ ପଚାରି ବୁଝୁଛି ବୋଲି କହିଛନ୍ତି । ବୌଦ୍ଧ ଜିଲ୍ଲାପାଳ ବିଭୂତି ଭୂଷଣ ନାୟକଙ୍କୁ ପଚାରିବାରୁ ଏହାର ବିଧିବଦ୍ଧ ତଦନ୍ତ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି । ସୂଚନାଯୋଗ୍ୟ ଯେ ବିଗତ ଦିନରେ ଏସଆଇଆର୍ କାର୍ଯ୍ୟରେ ଅବହେଳା ଅଭିଯୋଗରେ ବିଏଲଓ ଦାୟିତ୍ୱରେ ଥିବା ଏକାଧିକ ଶିକ୍ଷକଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନିଲମ୍ବନ କରାଯାଇଛି । ଏହି ସ୍ଥିତିରେ ଅବହେଳା ପ୍ରଦର୍ଶନ କରୁଥିବା ଅଧିକାରୀଙ୍କ ବିରୁଦ୍ଧରେ ଜିଲ୍ଲା ପ୍ରଶାସନ ତଥା ସରକାରଙ୍କ ପକ୍ଷରୁ କିଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସାଧାରଣରେ ପ୍ରଶ୍ନ ଉଠିଛି।

## ପାପଡାହାଣ୍ଡି ଲାଲ ବାହାଦୁର ମିନି ଷ୍ଟାଡିଅମରେ ୮୦ତମ ସ୍ୱାଧୀନତା ଦିବସ ପାଳିତ



ପାପଡାହାଣ୍ଡି,୧୬/୮ (ନି/ପ୍ର): ପାପଡାହାଣ୍ଡି ଲାଲ ବାହାଦୁର ମିନି ଷ୍ଟାଡିଅମ ଠାରେ ୮୦ତମ ଅଗଷ୍ଟ ୧୫ ସ୍ୱାଧୀନତା ଦିବସ ପାଳନ କରାଯାଇଛି । ଏଥିରେ ପାପଡାହାଣ୍ଡି ପଂଚାୟତ ସମିତି ଅଧକ୍ଷା ଶ୍ରୀମତୀ ହେମଲତା ମାଝୀ ପତାକା ଉତ୍ତୋଳନ କରିଥିଲେ । ଉପାଧକ୍ଷ ଶ୍ରୀ ସୁଶାନ୍ତ କୁମାର ବେହେରା ମୁଖ୍ୟ ବକ୍ତା ଭାବେ ଅଭିଭାଷଣ ପ୍ରଦାନ କରିଥିଲେ ।ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ କପିଳ ଦେବ ସାହୁ,ପାପଡାହାଣ୍ଡି ଥାନ ଏସ ଆଇ ଶ୍ରୀ ଉମାକାନ୍ତ ଶବର ଏ ଏସ ଆଇ ଶ୍ରୀ ଶଶୀ ରଞ୍ଜନ ନାଗ, ସି ପି ଶ୍ରୀ ଅରୂପ ତ୍ରିପାଠୀ ଆର ଇ ସୁଜିତ ପାଳ, ଜେ ଇ ଶ୍ରୀ ରତ୍ନାକର ପାଇକ, ଜେ ଇ ଶ୍ରୀ ବାପୁଜୀ ନାୟକ ହରିଶ୍ଚନ୍ଦ୍ର ପାଣିଗ୍ରାହୀ,ଏ ବି ଇ ଓ ବାଳକ ଦାସ ରନ୍ଧାରୀ ମଧ ମଚାଂସିନ ହୋଇଥିଲେ ।ପତାକା ଉତୋଳନ ପରେ ମୁଖ୍ୟ ଅତିଥି ପାପଡାହାଣ୍ଡି ବ୍ଲକର ବିଦ୍ୟାଳୟ ମାନଙ୍କ ପ୍ୟାରେଡ ପରିଦର୍ଶନ କରିଥିଲେ ।ବିଦ୍ୟାଳୟ ମାନଙ୍କରୁ ଆସିଥିବା କୁନିକୁନି ପିଲାମାନେ ଷ୍ଟାଡିଅମ ଠାରେ ନୃତ୍ୟ ପରିବେଷଣ କରିଥିଲେ । ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ତରଫରୁ ଆଦର୍ଶ ବିଦ୍ୟାଳୟ ଠାରେ ସମସ୍ତ ବିଦ୍ୟାଳୟ ମାନଙ୍କର ବିଭିନ୍ନ ପ୍ରକାର ପ୍ରତିଯୋଗିତା ହୋଇଥିଲା ।ସେଥିରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀ ମାନଙ୍କୁ ଓ ନୃତ୍ୟ ପରିବେଷଣ, ପେରେଡ ପ୍ରତିଯୋଗୀ ମାନଙ୍କୁ ମୁଖ୍ୟ ଅତିଥି ମାନଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଗଲା । ଏହି କାର୍ଯ୍ୟକ୍ରମରେ ଅଗ୍ନିଶମ ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ଓ ପୋଲିସ ବିଭାଗ ସାହାଯ୍ୟ ସହଯୋଗ କରିଥିଲେ ।ମଚଂ ପରିଚାଳନା କରିଥିଲେ ଶ୍ରୀ ସୁଦାମ ସେଠି।

## ଦେଶାତ୍ମବୋଧକ କବିତାରେ ମୁଖରିତ ହେଲା ଝାରସୁଗୁଡ଼ା : ୬୦ରୁ ଉର୍ଦ୍ଧ୍ୱ କବି-କବୟିତ୍ରୀଙ୍କ ଯୋଗଦାନ

ଝାରସୁଗୁଡ଼ା,୧୬/୮(ନି/ପ୍ର): 'ଘରେ ଘରେ ତ୍ରିରଙ୍ଗା-୨୦୨୬' ପାଳନ ତଥା ୮୦ତମ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ସମାରୋହ ଅବସରରେ ଝାରସୁଗୁଡ଼ାରେ ଜିଲ୍ଲାସ୍ତରୀୟ ଦେଶାତ୍ମବୋଧକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସଂସ୍କୃତି ଭବନଠାରେ ଜିଲ୍ଲା ପ୍ରଶାସନ ଓ 'କଥା ଓ କବିତା ପରିବାର'ର ମିଳିତ ଆନୁକୂଲ୍ୟରେ ଏହି କବିତା ଆସର ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ଝାରସୁଗୁଡ଼ା ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ତଥା ଭାରପ୍ରାପ୍ତ ଜିଲ୍ଲା ସଂସ୍କୃତି ଅଧିକାରୀ ରିତାକାନ୍ତି ବଳିୟାର ସିଂହ ଏବଂ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସୁନନ୍ଦ କୁମାର ମହାରଣା ଯୋଗଦେଇ କବି ଓ କବୟିତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ଅବସରପ୍ରାପ୍ତ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଜୟ ଜେନା ଓ ବିବେକାନନ୍ଦ ମିଶ୍ରଙ୍କ ସଂଯୋଜନାରେ ୬୦ରୁ ଉର୍ଦ୍ଧ୍ୱ କବି ଓ କବୟିତ୍ରୀ ଏହି କବିତା ପାଠୋତ୍ସବରେ ଯୋଗଦେଇ ସ୍ୱରଚିତ ଦେଶାତ୍ମବୋଧକ କବିତା ପାଠ କରିଥିଲେ। ଦେଶପ୍ରେମ, ଜାତୀୟ ଏକତା ଓ ସ୍ୱାଧୀନତାର ମହତ୍ତ୍ୱକୁ ନେଇ ରଚିତ କବିତାରେ ସଂସ୍କୃତି ଭବନ ପରିବେଶ ଦେଶାତ୍ମବୋଧର ଭାବନାରେ ମୁଖରିତ ହୋଇଉଠିଥିଲା। କାର୍ଯ୍ୟକ୍ରମ ଆରମ୍ଭରେ ସମସ୍ତେ ସାମୂହିକ ଭାବେ ଜାତୀୟ ଗୀତ 'ବନ୍ଦେ ମାତରମ୍' ଗାନ କରିଥିଲେ।

## ଏଗ୍ରିଷ୍ଟାକ୍ ଆଇଡି ବିବାଦ :
### କୁଲୁଣ୍ଡୀ, ଫାଶୀମାଲ ଓ ଭୋଜପୁର ଲ୍ୟାମ୍ପସ୍‌ରେ ତାଲା ପକାଇଲେ ଚାଷୀ



ଜମନକିରା,୧୬/୮(ନି/ପ୍ର):: ଧାନ ବିକ୍ରି ପଞ୍ଜୀକରଣରେ ଏଗ୍ରିଷ୍ଟାକ୍ ଆଇଡିକୁ ନେଇ ସରକାରଙ୍କ ନିୟମକୁ ବିରୋଧ କରି ଚାଷୀଙ୍କ ଅସନ୍ତୋଷ ତୀବ୍ର ହୋଇଛି। ଏହାର ପ୍ରତିବାଦରେ ଗୁରୁବାର ଜମନକିରା ବ୍ଲକ୍‌ର କୁଲୁଣ୍ଡୀ, ଫାଶୀମାଲ ଓ ଭୋଜପୁର ଲ୍ୟାମ୍ପସ୍‌ରେ ଚାଷୀମାନେ ତାଲା ମାରି ଆନ୍ଦୋଳନ କରିଛନ୍ତି। ଏଗ୍ରିଷ୍ଟାକ୍ ଆଇଡିକୁ ସମ୍ପୂର୍ଣ୍ଣ କୋହଳ କରି ପୂର୍ବବର୍ଷ ଭଳି ଧାନ ବିକ୍ରି ପଞ୍ଜୀକରଣ ବ୍ୟବସ୍ଥା କରିବାକୁ ଚାଷୀମାନେ ଦାବି କରିଛନ୍ତି। ଚାଷୀ ସଂଗଠନର ଅଭିଯୋଗ ଅନୁଯାୟୀ, ଚଳିତବର୍ଷ ଧାନ ବିକ୍ରି ପଞ୍ଜୀକରଣ ପାଇଁ ଏଗ୍ରିଷ୍ଟାକ୍ ଆଇଡିକୁ ଗୁରୁତ୍ୱ ଦିଆଯାଉଛି। ଏହାକୁ ନେଇ ଚାଷୀମାନେ ପୂର୍ବରୁ ଆପତି ଜଣାଇ ଆସୁଥିବା ବେଳେ ଗୁରୁବାର ଲ୍ୟାମ୍ପସ୍‌ରେ ତାଲା ପକାଇ ପ୍ରତିବାଦ ଜଣାଇଛନ୍ତି। ଆସନ୍ତା ତିନିଦିନ ମଧ୍ୟରେ ଏଗ୍ରିଷ୍ଟାକ୍ ଆଇଡିକୁ ସମ୍ପୂର୍ଣ୍ଣ କୋହଳ କରି ପୂର୍ବବର୍ଷ ଭଳି ପଞ୍ଜୀକରଣ କରା ନଗଲେ ଆସନ୍ତା ୧୭ ତାରିଖରେ ବୃହତ୍ ଆନ୍ଦୋଳନ କରାଯିବ ବୋଲି ଚାଷୀ ସଂଗଠନ ଚେତାବନୀ ଦେଇଛି। ଅନ୍ୟପକ୍ଷରେ ଲ୍ୟାମ୍ପସ୍‌ରେ ଧାନ ବିକ୍ରି ପାଇଁ ପଞ୍ଜୀକରଣ ହେଉଥିଲେ ମଧ ପଞ୍ଜୀକରଣ ପରେ ଦିଆଯାଉଥିବା ରସିଦରେ ଭବିଷ୍ୟତରେ ଏଗ୍ରିଷ୍ଟାକ୍ ଆଇଡି କରିବାକୁ ଉଲ୍ଲେଖ ରହୁଥିବାରୁ ଚାଷୀଙ୍କ ମନରେ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ଏଗ୍ରିଷ୍ଟାକ୍ ଆଇଡି ବାଧ୍ୟତାମୂଳକ କି ନୁହେଁ, ସେନେଇ ପ୍ରଶାସନ ପକ୍ଷରୁ ଲ୍ୟାମ୍ପସଗୁଡ଼ିକୁ ସ୍ପଷ୍ଟ ନିର୍ଦ୍ଦେଶନାମା ଜାରି କରାଯିବାକୁ ଚାଷୀମାନେ ଦାବି କରିଛନ୍ତି। ଚାଷୀମାନଙ୍କ କହିବା ଅନୁଯାୟୀ, ନିଜ ନାମରେ ପଟ୍ଟା ନଥିଲେ ଏଗ୍ରିଷ୍ଟାକ୍ ଆଇଡି କରିବାରେ ସମସ୍ୟା ହେଉଛି। ପୂର୍ବପୁରୁଷ ଯଥା ବାପା କିମ୍ବା ଅଜାଙ୍କ ନାମରେ ଥିବା ଜମି ପାଇଁ ଆଇଡି କରିବା ସମୟରେ ଆଖି ସ୍କାନ୍‌ରେ ମଧ ସମସ୍ୟା ଦେଖାଦେଉଛି। ଫଳରେ ଅନେକ ଚାଷୀ ଆଗାମୀ ଦିନରେ ଧାନ ବିକ୍ରି କରିବାରେ ସମସ୍ୟାରେ ପଡ଼ିବା ଆଶଙ୍କା କରୁଛନ୍ତି। ଏନେଇ ଫାଶୀମାଲ ଲ୍ୟାମ୍ପସ୍ କର୍ତ୍ତୃପକ୍ଷ ଡେଭିଡ୍ ପଟେଲ କହିଛନ୍ତି ଯେ, ଉପରୁ ଯେପରି ନିର୍ଦ୍ଦେଶ ଆସିବ, ଲ୍ୟାମ୍ପସ୍ ପକ୍ଷରୁ ସେହି ଅନୁଯାୟୀ ପଦକ୍ଷେପ ନିଆଯିବ।

## ସମ୍ବଲପୁର ଜିଲ୍ଲା ନାକଟିଦେଉଳ ବ୍ଲକରେ ମନରେଗା ଓ ସମଗ୍ର ଶିକ୍ଷା ସାମାଜିକ ସମୀକ୍ଷା ଜନଶୁଣାଣି

ସମ୍ବଲପୁର,୧୬/୮(ନି/ପ୍ର): ଲକ୍ଷେଶ୍ୱର ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଗୁରୁବାର ମନରେଗା ଓ ସମଗ୍ର ଶିକ୍ଷା ଅଭିଯାନର ବ୍ଲକସ୍ତରୀୟ ସାମାଜିକ ସମୀକ୍ଷା ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଓଡ଼ିଶା ସାମାଜିକ ସମୀକ୍ଷା, ଉତରଦାୟିତ୍ୱ ଓ ସଚେତନତା ସମିତି ଏବଂ ପଂଚାୟତିରାଜ ବିଭାଗର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ଶିବିରରେ ଅଧିକାରୀମାନେ ବିଭିନ୍ନ ଅଭିଯୋଗ ଶୁଣିବା ସହ ଯୋଜନାଗୁଡ଼ିକର କାର୍ଯ୍ୟକାରିତା ସମୀକ୍ଷା କରିଥିଲେ। ବିଡିଓ ଆକାଶ ରଞ୍ଜନ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଶିବିରରେ ତହସିଲଦାର ଅମର ଯଶପ୍ରିତ୍ ଡୁମଡୁମ, ଏଡିବିଓ ପ୍ରଜ୍ଞା ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ବିଭିନ୍ନ ପଂଚାୟତର ବିଓ, ବିଆର୍ଟି, ଗ୍ରାମସାଥୀ ଓ ବିଦ୍ୟାଳୟର ପ୍ରଧାନଶିକ୍ଷକମାନେ ମଧ ଶିବିରରେ ଯୋଗଦେଇଥିଲେ।

## ତ୍ରୁଟି ସୁଧାରିବା ସହ ଧାର୍ଯ୍ୟ ସମୟ ମଧରେ ଚାଷୀ ପଞ୍ଜିକରଣ ଶେଷ କରିବାକୁ ପ୍ରସ୍ତୁତି ବୈଠକ

ସମ୍ବଲପୁର,୧୬/୮(ନି/ପ୍ର): ଚଳିତ ବର୍ଷ ଧାନ ଚାଷ ପଞ୍ଜିକରଣ ବାଧ୍ୟତାମୂଳକ ହୋଇଥିବା ବେଳେ ଅଧିକରୁ ଅଧିକ ଚାଷୀଙ୍କ ପଞ୍ଜିକରଣ ହୋଇନଥିବା ଦେଖିବାକୁ ମିଳିଛି କ୍ଷ ସରକାର ପ୍ରତ୍ୟେକ ପଟ୍ଟାଧାରୀ ଚାଷୀଙ୍କ ପଞ୍ଜିକରଣ ଜନସେବା କେନ୍ଦ୍ର ଏବଂ ସ୍ଥାନୀୟ କୃଷି ପରାମର୍ଶ କେନ୍ଦ୍ରରେ କରାଇବା ପାଇଁ ଆଦେଶ ଜାରି କରିଥିବା ବେଳେ ଏଥିରେ ଅନେକ ଚାଷୀ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି। ଏହାର ସମାଧାନ ପାଇଁ ଆଜି ସମ୍ବଲପୁର ଜିଲ୍ଲା ଜମନକିରା ବ୍ଲକ ତହସିଲ କାର୍ଯ୍ୟାଳୟ ପରିସରରେ ସମସ୍ତ ରାଜସ୍ୱ ନିରୀକ୍ଷକ, ଗ୍ରାମସେବକ ଓ ଜନସେବା କେନ୍ଦ୍ର ପରିଚାଳକଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ଚାଷୀମାନେ କିପରି ସୁବିଧାରେ ନିଜର ପଞ୍ଜିକରଣ କରିପାରିବେ ସେନେଇ ଏକ ସଚେତନତା କାର୍ଯ୍ୟକ୍ରମ ମଧ ଅନୁଷ୍ଠିତ ହୋଇଯାଇଛି । ସମ୍ବଲପୁର ଜିଲ୍ଲା ଜମନକିରା ବ୍ଲକ ତହସିଲ କାର୍ଯ୍ୟାଳୟ ପରିସରରେ ଆଜି ତହସିଲଦାର ପ୍ରବୀଣା ବିଲୁଙ୍ଗ ଅଧକ୍ଷତାରେ ଚାଷୀ ପଞ୍ଜିକରଣ ସଭା ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ତହସିଲଦାରଙ୍କ ସହ କୃଷି ପରାମର୍ଶ କେନ୍ଦ୍ରର ତନ୍ମୟ କୁମାର ମୁର୍ମୁ, ସମସ୍ତ ରାଜସ୍ୱ ନିରୀକ୍ଷକ, ଗ୍ରାମସେ୍ବକ ଓ ଜମନକିରା ବ୍ଲକର ସମସ୍ତ ଜନସେବା କେନ୍ଦ୍ରର ପରିଚାଳକ ମାନେ ଯୋଗଦେଇ କିଭଳି ସଠିକ ଭାବେ ପଞ୍ଜିକରଣ ହୋଇପାରି ସେ ନେଇ ତହସିଲଦାର ଶ୍ରୀ ବିଲୁଙ୍ଗଙ୍କ ସହ ଆଲୋଚନା କରିଥିଲେ । ବିଶେଷ କରି ଅଭିଯୋଗ ମଧରେ ଜମି ପ୍ଲଟ ପଞ୍ଜିକରଣରେ ପ୍ଲଟ ଏଂଟ୍ରି ଏବଂ ପଟ୍ଟାରେ ଏକରୁ ଅଧିକ ବ୍ୟକ୍ତିଙ୍କ ନାମ ଥିବା ଚାଷୀଙ୍କ ଜମି ଭାଗ କରିବା ପଦ୍ଧତିକୁ ନେଇ ଆଲୋଚନା ହୋଇଥିଲା । ଆଗାମୀ ୩୧ ତାରିଖ ସୁଦ୍ଧା ପଞ୍ଜିକରଣରୁ ବଂଚିତ ରହିଥିବା ସମସ୍ତ ଚାଷୀଙ୍କ ପଞ୍ଜିକରଣ ଶେଷ କରିବା ପାଇଁ ତହସିଲଦାର ଶ୍ରୀ ବିଲୁଙ୍ଗ କହିଥିଲେ ।

## ପଙ୍ଖାରେ ଝୁଲି ଯୁବକଙ୍କ ମୃତ୍ୟୁ

ନୂଆପଡା,୧୬/୮(ନି/ପ୍ର): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ଥାନା ଅନ୍ତର୍ଗତ ମହରା ଗ୍ରାମରେ ଜଣେ ଯୁବକ ପଙ୍ଖାରେ ଝୁଲି ମୃତ୍ୟୁବରଣ କରିଥିବା ଜଣାପଡ଼ିଛି। ପୁଲିସ ସୂତ୍ରରୁ ପ୍ରକାଶ ଯେ, ମୃତକ ହେଲେ ପୁରୁଷୋତମ ଷଣ୍ଢ (୪୦)। ସେ ଅମଲାପାଳି ଗ୍ରାମ ଛକରେ ଏକ ସିଏସ୍ସି କମ୍ପ୍ୟୁଟର ଦୋକାନ ଖୋଲି ବ୍ୟବସାୟ କରୁଥିଲେ।

## କାଦୁଅରେ ବୁଡ଼ିଛି ଚନ୍ଦ୍ରଡିହି ରାସ୍ତା, ପ୍ରଶାସନର ଦୃଷ୍ଟି ପଡିବ କେବେ ?

ଝାରସୁଗୁଡ଼ା,୧୬/୮(ନି/ପ୍ର): ସ୍ୱାଧୀନତାର ୭୯ ବର୍ଷ ପରେ ବି ଗାଁକୁ ପହଂଚିନି ପକ୍କା ରାସ୍ତା। ସାମାନ୍ୟ ବର୍ଷା ହେଲେ ଚାଷଜମିର ରୂପ ନେଉଛି ରାସ୍ତା। ଏଭଳି ଦୁର୍ଦ୍ଦଶା ଦେଖିବାକୁ ମିଳିଛି ଝାରସୁଗୁଡ଼ା ଜିଲ୍ଲା କୋଲାବିରା ବ୍ଲକ ପରମାଣପୁର ପଂଚାୟତ ଅଧୀନ ଚନ୍ଦ୍ରଡିହି ଗ୍ରାମରେ। ଜାତୀୟ ରାଜପଥଠାରୁ ମାତ୍ର ପ୍ରାୟ ୨ କିମି ଦୂରରେ ଥିବା ଏହି ଗ୍ରାମକୁ ଯାତାୟାତ ପାଇଁ ଆଜି ବି ଭରସା ମାଟି ରାସ୍ତା। ବର୍ଷା ହେଲେ ରାସ୍ତା କାଦୁଅ ପଚପଚ ହୋଇଯାଉଥିବାରୁ ଗ୍ରାମବାସୀଙ୍କ ଯାତାୟାତ ଅତ୍ୟନ୍ତ କଷ୍ଟକର ହୋଇପଡୁଛି। ବିଶେଷକରି ରୋଗୀ, ବୃଦ୍ଧ, ଛାତ୍ରଛାତ୍ରୀ ଓ ଚାଷୀମାନେ ଏଥିପାଇଁ ଅଧିକ ସମସ୍ୟା ଭୋଗୁଛନ୍ତି। ପତ୍ରାପାଲି ରାଜସ୍ୱ ଗ୍ରାମ ଅଧୀନରେ ଥିବା ଚନ୍ଦ୍ରଡିହି ପଡ଼ାରେ ପ୍ରାୟ ୩୦ରୁ ୪୦ ପରିବାର ବସବାସ କରୁଛନ୍ତି। ପ୍ରାୟ ୯୦ ପ୍ରତିଶତ ପରିବାର କୃଷି ଉପରେ ନିର୍ଭରଶୀଳ। ପନିପରିବା ଚାଷ ପାଇଁ ଏହି ଗ୍ରାମର ଏକ ସ୍ୱତନ୍ତ୍ର ପରିଚୟ ରହିଥିଲେ ମଧ ଖରାପ ରାସ୍ତା ଯୋଗୁଁ ଉତ୍ପାଦିତ ପନିପରିବା ବଜାରକୁ ନେବାରେ ଚାଷୀମାନେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗ୍ରାମବାସୀଙ୍କ କହିବା ଅନୁଯାୟୀ, ରାସ୍ତା ନିର୍ମାଣ ପାଇଁ ବହୁବାର ପ୍ରଶାସନ ନିକଟରେ ଦାବି ଜଣାଯାଇଛି। ପ୍ରାୟ ବର୍ଷେ ପୂର୍ବେ ବର୍ତମାନର ପରମାଣପୁର ସରପଂଚ ଜାହ୍ନବୀ ପ୍ରଧାନ ମଧ ରାସ୍ତା ନିର୍ମାଣ ପାଇଁ ଉଦ୍ୟମ କରିଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ତେବେ ରାସ୍ତା ଯେଉଁ ସ୍ଥାନ ଦେଇ ଯିବାକୁ ଥିବା ସେଠାରେ ଦୁଇଜଣ ବ୍ୟକ୍ତିଙ୍କ ରୟତି ଜମି ଥିବାରୁ ଜମିଜମା ସମସ୍ୟା ଯୋଗୁଁ ରାସ୍ତା ନିର୍ମାଣ ଅଟକି ରହିଥିବା କେତେକ ଗ୍ରାମବାସୀ କହିଛନ୍ତି। ବର୍ଷା ଋତୁରେ ସମସ୍ୟା ଆହୁରି ଗୁରୁତର ହୋଇପଡୁଛି। ଗ୍ରାମକୁ ଯିବା ପାଇଁ ଅନ୍ୟ କୌଣସି ବିକଳ୍ପ ରାସ୍ତା ନଥିବାରୁ ଗ୍ରାମବାସୀଙ୍କ ଦୁର୍ଦ୍ଦଶା ବଢ଼ିଯାଉଛି। ରାସ୍ତା ନିର୍ମାଣରେ ଥିବା ରୟତି ଜମି ସମସ୍ୟାର ସମାଧାନ କରିବା ସହ ତୁରନ୍ତ ରାସ୍ତାର ନୂତନ ନିର୍ମାଣ କରିବାକୁ ଗ୍ରାମର ରାଜେଶ ପ୍ରଧାନ, ମୀନକେତନ ପ୍ରଧାନ, ମହେନ୍ଦ୍ର ପ୍ରଧାନ, ମୁନକୁ ପ୍ରଧାନ, ସଞ୍ଜୟ ସାହୁଙ୍କ ସମେତ ଗ୍ରାମବାସୀ ଦାବି କରିଛନ୍ତି। ପ୍ରଶାସନ ଓ ସ୍ଥାନୀୟ ଜନପ୍ରତିନିଧି ତୁରନ୍ତ ହସ୍ତକ୍ଷେପ କରି ଏହି ସମସ୍ୟାର ସ୍ଥାୟୀ ସମାଧାନ କରିବେ ବୋଲି ଗ୍ରାମବାସୀ ଆଶା ପ୍ରକାଶ କରିଛନ୍ତି।

## ଫଟୋଚିତ୍ର ପ୍ରଦାନ କଲେ ନମିତା ବେହେରା

ଭଦ୍ରକ,୧୬/୮(ନି/ପ୍ର): ଭଦ୍ରକ ଜିଲ୍ଲା ବନ୍ତ ତହସିଲର ଅତିରିକ୍ତ ତହସିଲ୍‌ଦାର ପ୍ରସନ୍ନ ମହାନ୍ତିଙ୍କୁ ଫଟୋଚିତ୍ର ପ୍ରଦାନ କରାଯାଇଛି । ବୁଧବାର କାର୍ଯ୍ୟାଳୟରେ ଚିତ୍ରଶିଳ୍ପୀ ନମିତା ବେହେରା ଶ୍ରୀ ମହାନ୍ତିଙ୍କୁ ତାଙ୍କର ଅବିକଳ ଫଟୋଚିତ୍ର ପ୍ରଦାନ କରିଥିଲେ । କଲମ ମୁନର ଏହି ପ୍ରତିଛବିକୁ ପ୍ରଶଂସା କରିଥିବା ବେଳେ ଭବିଷ୍ୟତରେ ଜିଲ୍ଲା ଓ ରାଜ୍ୟ ପାଇଁ ଅଧିକ ଗୌରବ ସାଉଟିଂବା ନେଇ ଆର୍ଶୀବାଦ କରିଥିଲେ । କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ହେମନ୍ତ ସିଂହ, ନାରୀନେତ୍ରୀ ସାବିତ୍ରୀ ସାହୁ,ସମାଜସେବୀ ତପନ ବାରିକ, ହୃଷିକେଷ ଭୂୟାଁଙ୍କ ସମେତ ନମିତାଙ୍କ ପିତା ରବିନାରାୟଣ ବେହେରା ଉପସ୍ଥିତ ଥିଲେ ।

## ସିପିଏମ୍ ନେତା ଅର୍ଜୁନ ନାୟକଙ୍କ ସ୍ମୃତିଚାରଣ ସଭା

ଭଦ୍ରକ,୧୬/୮(ନି/ପ୍ର):ଏହି ଜିଲାର ଚାନ୍ଦବାଲି ବ୍ଲକର ବରିଷ୍ଠ ସିପିଆଇ(ଏମ) ନେତା ଅର୍ଜୁନ ନାୟକଙ୍କ ସ୍ମୃତି ଚାରଣ ସଭା ଅବସରପ୍ରାପ୍ତ ସେନାଧିକାରୀ ପୂର୍ଣ୍ଣଚନ୍ଦ୍ର ପଣ୍ଡାଙ୍କ ସଭାପତିତ୍ୱରେ ମୌସୁଧା ଠାରେ ଅନୁଷ୍ଠିତ ହୋଇଯାଇଛି । ମୌସୁଧା ଓ ଚାନ୍ଦବାଲି ଅଚଂଳର ଚାଷୀ, ମୂଲିଆ ଓ ସାଧାରଣ ଜନତା ଙ୍କ ସେବା ଓ ସଂଗ୍ରାମର ରାଜନୀତି କରିଥିବା ବରିଷ୍ଠ ରାଜନେତା ଅର୍ଜୁନ ନାୟକ ଥିଲେ ଏକାଧାରାରେ ଜଣେ ରାଜନୀତିଜ୍ଞ, କଳାକାର ଓ ସଂଗୀତଜ୍ଞ । ବୈପ୍ଳବିକ ନାଟକ ମାଧମରେ ସେ ଚାଷୀ ଓ ଭାଗଚାଷୀ ମାନଙ୍କୁ ଏକତ୍ର କରୁଥିଲେ । ଜଳେଶ୍ୱରପୁର ସେବା ସମବାୟ ସମିତିର ସେ ତତ୍କାଳୀନ ସଭାପତି ଥିଲେ । ତାଙ୍କ ସମୟରୁ ଜଳେଶ୍ୱରପୁର ସେବା ସମବାୟ ସମିତିରେ ଆରମ୍ଭ ହୋଇଥିବା ସଂସ୍କାର କାର୍ଯ୍ୟକ୍ରମ ଯୋଗୁ ଆଜି ଚାନ୍ଦବାଲି ବ୍ଲକରେ ଜଳେଶ୍ୱରପୁର ସେବା ସମବାୟ ସମିତି ଧାନ କିଣାରେ, ସାର ଯୋଗାଣରେ ଓ ଚାଷୀ ମାନଙ୍କୁ ଋଣ ଯୋଗାଣରେ ଅଭୂତପୂର୍ବ ସଫଳତା ହାସଲ କରିପାରିଛି । ବରିଷ୍ଠ ସିପିଏମ୍ ନେତା ଅର୍ଜୁନ ନାୟକ ଓଡିଶା କୃଷକ ସଭାର ଚାନ୍ଦବାଲି ବ୍ଲକ ସଭାପତି ଥିବା ବେଳେ ଚାନ୍ଦବାଲି ବ୍ଲକରେ ସମସ୍ତ ଚାଷ ଜମି କୁ ଜଳସେଚନ ବ୍ୟବସ୍ଥା କରିବା ପାଇଁ ଲଢେଇ କରି ଜିଲ୍ଲାରେ ଅନନ୍ୟ ଉଦାହରଣ ସୃଷ୍ଟି କରିଥିଲେ । ତାଙ୍କ ମୃତ୍ୟୁରେ ଚାନ୍ଦବାଲି ମାଟି ଓ ସିପିଆଇ(ଏମ) ପାର୍ଟି ଜଣେ ଲଢୁଆ ନେତା ଙ୍କୁ ହରାଇଲା ଓ ଏହା ଏକ ଅପୂରଣୀୟ କ୍ଷତି ବୋଲି ସ୍ମୃତି ଚାରକ ମାନେ ସ୍ମୃତି ସଭାରେ ପ୍ରକାଶ କରିଥିଲେ । ଏହି ସ୍ମୃତି ଚାରଣ ସଭାରେ ସିପିଆଇ(ଏମ) ଜିଲ୍ଲା ସଂପାଦକ ଦିବ୍ୟସିଂହ ନାୟକ, ଜିଲ୍ଲା ସଂପାଦକ ମଣ୍ଡଳୀ ସଭ୍ୟ ପ୍ରଫୁଲ୍ଲ ପାଢୀ, ଅନ୍ୟତମ ଜିଲ୍ଲା ସଂପାଦକ ମଣ୍ଡଳୀ ସଭ୍ୟ ବିଷ୍ଣୁ ଚରଣ ଦାଶ, ଜିଲ୍ଲା କମିଟି ସଭ୍ୟ ବିକାଶ ନାଥ, ଅନ୍ୟତମ ଜିଲ୍ଲା କମିଟି ସଭ୍ୟ ମଳୟ ଭୋଇ, ମହିଳା ନେତ୍ରୀ କାମିନୀ ଭୋଇ, ଭଦ୍ରକ ଓକିଲ ସଂଘ ପୂର୍ବତନ ଉପସଭାପତି ଅଶୋକ କୁମାର ନାୟକ, ଚାଷୀ ନେତା ବ୍ରହ୍ମାନନ୍ଦ ପରିଡା, ଅଶୋକ ବେହେରା, ଗଙ୍ଗାଧର ମହାଳିକ,ନରୋତମ ମଦୁଆଳ, ଘନଶ୍ୟାମ ଦାସ, ସୃଷ୍ଟିଧର ବିଶ୍ୱାଳ, ବିକାଶ ତ୍ରିପାଠୀ, କରଞ୍ଜମାଳ ଗ୍ରାମ ପଂଚାୟତ ପୂର୍ବତନ ସରପଂଚ ବିଜେଡି ନେତା ରମେଶ ନାୟକ, ବରିଷ୍ଠ ସିପିଆଇ ନେତା ବେଣୁଧର ନାୟକ, ଜଳେଶ୍ୱରପୁର ସେବା ସମବାୟ ସମିତି ସଭାପତି ସୁଧିର ମାହୁନ୍ତ, ଜଳେଶ୍ୱରପୁର ସେବା ସମବାୟ ସମିତି ସଂପାଦକ ବୃନ୍ଦାବନ ଭଳ, ପୂର୍ବତନ ବ୍ଲକ ଶିକ୍ଷାଧିକାରୀ ଜୟକୃଷ୍ଣ ନାୟକ,ମଉସୁଧା ଗ୍ରାମ ପଂଚାୟତର ପୂର୍ବତନ ସମିତି ସଭ୍ୟ ସୁଦର୍ଶନ ନାୟକ, ଚାଷୀ ନେତା ବିପ୍ରଚରଣ ସେଠୀ ପ୍ରମୁଖ ସ୍ମୃତିଚାରଣ କରି ଅର୍ଜୁନ ନାୟକଙ୍କ ବୈପ୍ଳବିକ ପଥରେ ପଥିକ ହେବାକୁ ଆହ୍ୱାନ ଜଣାଇଥିଲେ । ଶେଷରେ ତାଙ୍କ ଝିଆରୀ ଶିକ୍ଷୟତ୍ରୀ ଶୁଭସ୍ମିତା ନାୟକ ଏକ ବୈପ୍ଳବିକ କବିତା ପାଠ କରିଥିବା ବେଳେ ତାଙ୍କ ପୁତୁରା ଶୁଶାନ୍ତ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । କଳାକାର ମାନେ ତାଙ୍କ ଅମ୍ଳାନ ସ୍ମୃତି ପ୍ରତି ଶ୍ରଦ୍ଧାଞ୍ଜଳୀ ଜଣାଇ ତାଙ୍କ ଶ୍ରଦ୍ଧାଞ୍ଜଳୀ ସଭାରେ ବୈପ୍ଳବିକ ସଂଗୀତ ପରିବେଷଣ କରିଥିଲେ । ଏହି ସ୍ମୃତି ଚାରଣ ସଭାରେ ଶତାଧିକ ଚାଷୀ, ଭାଗଚାଷୀ, କୃଷି ଶ୍ରମିକ, ସାଧାରଣ ଜନତା ଓ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ଯୋଗଦାନ କରିଥିଲେ ।

## କେଲଡାମାଲରେ ଏନ୍ ଏ ଏଲ ଏସ ଏ ସମ୍ବାଦ ଓ ସ୍ପୃହା ଯୋଜନା ନେଇ ଆଇନ ସଚେତନତା

ଝାରସୁଗୁଡ଼ା,୧୬/୮(ନି/ପ୍ର): ଜାତୀୟ ଆଇନ ସେବା ପ୍ରାଧିକରଣ ଙ୍କ ନିର୍ଦ୍ଦେଶକ୍ରମେ ଏବଂ ଝାରସୁଗୁଡ଼ା ଜିଲ୍ଲା ଓ ଦୌରାଜଜ୍ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧକ୍ଷ ପ୍ରଶାନ୍ତ କୁମାର ନାୟକଙ୍କ ନିର୍ଦ୍ଦେଶରେ ଗୁରୁବାର କୋଲାବିରା ବ୍ଲକ ଅନ୍ତର୍ଗତ କେଲଡାମାଲ ଗ୍ରାମପଂଚାୟତ କାର୍ଯ୍ୟାଳୟରେ ଆଇନ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଏନ୍ ଏ ଏଲ ଏସ ଏ ସ୍କିମ ୨୦୨୫ ସମ୍ପର୍କରେ ଗ୍ରାମବାସୀଙ୍କୁ ବିସ୍ତୃତ ଭାବେ ସଚେତନ କରାଯାଇଥିଲା। 'ନାଲସା ସମ୍ବାଦ' ଯୋଜନା ମାଧ୍ୟମରେ ଦୁର୍ଗମ ଓ ଆଦିବାସୀ ଅଂଚଳର ଲୋକଙ୍କ ନିକଟରେ ଆଇନଗତ ସହାୟତା ପହଂଚାଇବା, ଜମିଜମା ସମ୍ବନ୍ଧୀୟ ସମସ୍ୟାର ସମାଧାନ ଏବଂ ସରକାରୀ ଯୋଜନାର ସୁଫଳ ପହଂଚାଇବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏଥିସହ ଆଦିବାସୀ, ଅତ୍ୟନ୍ତ ଦୁର୍ବଳ ଓ ବଂଚିତ ସମୁଦାୟ, ଡିନୋଟିଫାଏଡ୍ ଓ ନୋମାଡିକ୍ ଟ୍ରାଇବ୍ସଙ୍କ ନ୍ୟାୟ ପ୍ରାପ୍ତିରେ ଥିବା ବାଧା ଦୂର କରିବାରେ ଆଇନ ସେବା ପ୍ରାଧିକରଣର ଭୂମିକା ନେଇ ଆଲୋଚନା କରାଯାଇଥିଲା। ସେହିପରି 'ନାଲସା ସ୍ପୃହା' ଯୋଜନା ଅଧୀନରେ ବିଚାରାଧୀନ କଏଦୀ, କାରାଗାରରେ ଥିବା ବ୍ୟକ୍ତିଙ୍କ ନିର୍ଭରଶୀଳ ପରିବାରବର୍ଗ ଏବଂ ଅପରାଧର ଶିକାର ପୀଡ଼ିତଙ୍କୁ ମାଗଣା ଆଇନ ସହାୟତା, ପରାମର୍ଶ, ଶିଶୁମାନଙ୍କ ଶିକ୍ଷା ଓ ସାମାଜିକ ପୁନର୍ବାସ ସମ୍ପର୍କରେ ସୂଚନା ଦିଆଯାଇଥିଲା। ଯେକୌଣସି ବର୍ଗର ବ୍ୟକ୍ତି ଆଇନଗତ ସମସ୍ୟାରେ ପଡ଼ିଲେ କିପରି ନିଃଶୁଳ୍କ ଆଇନ ସହାୟତା ପାଇପାରିବେ, ସେ ନେଇ ମଧ ଜନସାଧାରଣଙ୍କୁ ଅବଗତ କରାଯାଇଥିଲା। କାର୍ଯ୍ୟକ୍ରମରେ ସ୍ଥାୟୀ ଲୋକ ଅଦାଲତ (ଜନ ଉପଯୋଗୀ ସେବା)ର ଅଧକ୍ଷ ଅଶ୍ୱିନୀ କୁମାର ନାୟକ, ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ଆଲୋକ ମୟୀ ପ୍ରଧାନଙ୍କ ସମେତ ବିଚାର ବିଭାଗୀୟ ଅଧିକାରୀମାନେ ଯୋଗଦେଇଥିଲେ। ଆଇନ ସେବା ପ୍ରତିପକ୍ଷ ଓକିଲ ସାଜଦା ବେଗମ, ପଂଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେଶ ପାଢୀଙ୍କ ସମେତ ସ୍ଥାନୀୟ ଅଂଚଳର ବହୁ ଜନସାଧାରଣ ଉପସ୍ଥିତ ଥିଲେ।

